# ବ୍ଲକ୍‌ସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ

ବାଲିବନ୍ଧ, ୩୧।୧ (ସମିସ): ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ (ଟୁ.ଓ)ର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଝୁମ୍ପୁରା ବିଡିଓ ହୃଦାନନ୍ଦ ଅଢା, ବିଇଓ ଭଗବାନ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର କୁମାର ପଟ୍ଟନାୟକ, ସାଂସଦ ପ୍ରତିନିଧି ପଞ୍ଚାନନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସିଡିପିଓ ମଣିମାଳା ନାଏକ, ଏଏଚଓ ପ୍ରିୟଙ୍କା ପାଣି, ଏଏଓ ରୁଦ୍ରମାଧବ ନାଏକ, ଏବିଡ଼ିଓ ଜିତୁରଞ୍ଜନ ଜେନାଙ୍କ ସମେତ ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୟଂସହାୟିକା ଗୋଷ୍ଠୀ ଉପସ୍ଥିତ ଥିଲେ। ଏହା ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ଏକ ଅଂଶ। ଗୁଣାତ୍ମକ ଶିକ୍ଷା ସହ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା, ସମସ୍ତଙ୍କୁ ପୋଷଣଯୁକ୍ତ ଖାଦ୍ୟ ଉପଲବ୍ଧ, ମହିଳା ସଶକ୍ତୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ସମସ୍ତଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ସୁନିଶ୍ଚିତ କରିବା ସହ ପରିମଳ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଛି। ଆସନ୍ତା ୧୦ ସପ୍ତାହ ମଧ୍ୟରେ ୨୨ଟି ଗ୍ରାମପଞ୍ଚାୟତର ସମସ୍ତ ପ୍ରକାରର ଉନ୍ନତିମୂଳକ କାର୍ଯ୍ୟକୁ ଶତ ପ୍ରତିଶତ କରିବା ପାଇଁ ଚମ୍ପୁଆ ଉପଜିଲ୍ଲାପାଳ ଶ୍ରୀ ପରିଡା ପରାମର୍ଶ ଦେଇଥିଲେ। ଏହି ଅବସରରେ ଏସଏଚଜି ଦ୍ୱାରା ବିଭିନ୍ନ ପ୍ରକାରର ଷ୍ଟଲ ପ୍ରଦର୍ଶନ କରାଯାଇଥିଲା।




## ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

# ସତର୍କତାରୁ ସୁରକ୍ଷା, ସଚେତନତାରୁ ଦୁର୍ଘଟଣା ହ୍ରାସ



କେନ୍ଦୁଝର, ୩୧।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ଛାତ୍ରଛାତ୍ରୀ, ଯୁବକଯୁବତୀ, କ୍ରୀଡାବିତ୍ ଏବଂ ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀଙ୍କ ଏକ ସାଇକଲ ରାଲିକୁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମନ୍ଦରଧର ମହାଲିକ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ରାଲି ବାହାରି ରାଙ୍କିସ୍ଥିତ ସ୍ୱୟଂଚାଳିତ ଚାଳକ ପରିକ୍ଷଣ ଷ୍ଟେସନ ସଂସ୍ଥା (ଏଡିଟିସ)ରେ ଶେଷ ହୋଇଥିଲା। ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ ବାର୍ତ୍ତାକୁ ଆଗେଇନେଇ ଗାଡି ଚଳାଚଳ ସମୟରେ ହେଲମେଟ ଓ ସିଟବେଲ୍ଟ ବ୍ୟବହାର, ମଦ୍ୟପାନ କରି ଗାଡି ଚାଳନା ନ କରିବା, ଦ୍ରୁତ ଗତିରେ ଗାଡି ଚାଳନା ନ କରିବା ଓ ଟ୍ରାଫିକ ନିୟମ ଅନୁସରଣ କରିବାକୁ ଆହ୍ୱାନ ଦିଆଯାଇଛି। ଏଡିଟିସ କେନ୍ଦ୍ରରେ ସାଇକଲ ଶୋଭାଯାତ୍ରା ଶେଷ ହେବା ପରେ ସଡକ ସୁରକ୍ଷା ଉପରେ ଏକ ସଚେତନତା ସଭାରେ ପ୍ରାସଂଗିକ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଡିଏନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି, ଏନସିସି ଅଫିସର ସୁରେନ୍ଦ୍ର ପଇଡା, ଏନ୍‌ଏସ୍ ପୁଲିସ ହାଇସ୍କୁଲର ଅଫିସର ବିଜୟ ବେହେରା, ମୋଟରଯାନ ନିରୀକ୍ଷକ ସନ୍ଦୀପ ପାଇକରାୟ, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ତାନା ମୁର୍ମୁ, ସହାୟକ ମୋଟର ଯାନ ନିରୀକ୍ଷକ ଦିବ୍ୟଜ୍ୟୋତି ମହାନ୍ତ, ଟ୍ରାଫିକ ନିରୀକ୍ଷକ ସୁକୁରାମ ସୋରେନ, କନିଷ୍ଠ ମୋଟର ଯାନ ନିରୀକ୍ଷକ ରାଜେଶ ସେଠୀ, କନିଷ୍ଠ ମୋଟର ଯାନ ନିରୀକ୍ଷକ ନାନିମୁନି ହେମ୍ବ୍ରମ, ଆଇଟି ଏକ୍ସପର୍ଟ ପ୍ରତାପ ପଣ୍ଡା, ରାଜସ୍ୱ ସହାୟକ ଅଜୟ ରାୟ, ବରିଷ୍ଠ ସହାୟକ ସରୋଜ ଦେବତା, ବରିଷ୍ଠ ରାଜସ୍ୱ ସହାୟକ ଲକ୍ଷ୍ମଣ ନାୟକଙ୍କ ସମେତ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ଅନ୍ୟାନ୍ୟ ବିଭାଗର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଡକ ସୁରକ୍ଷା ନିୟମ ପାଳନ ନେଇ ଏକ ସମୂହ ଶପଥ ପାଠ କରାଯାଇଥିଲା।

## ଝୁମ୍ପୁରାରେ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା



ବାଲିବନ୍ଧ, ୩୧।୧ (ସମିସ): ରାଜ୍ୟ ସରକାର, ଅଶୋକ ଲିଲେଣ୍ଡ, ଡ୍ରାଇଭିଙ୍ଗ ପ୍ରଶିକ୍ଷଣ କେନ୍ଦ୍ର ଧନୁର୍ଜୟପୁର (କଣ୍ଡରାପଶି) କେନ୍ଦୁଝର ଏବଂ ଝୁମ୍ପୁରା ପୁଲିସ ମିଳିତ ଆନୁକୂଲ୍ୟରେ ସଡକ ସୁରକ୍ଷା ଜୀବନ ରକ୍ଷା ସଚେତନତା କାର୍ଯ୍ୟକ୍ରମ ଝୁମ୍ପୁରାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡ୍ରାଇଭିଙ୍ଗ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକ ଏମ୍‌ଜି ନନ୍ଦ, ପିସି. ବେହେରା ଏବଂ ବାସୁଦେବ ବେହେରାଙ୍କ ତତ୍ତ୍ୱାବଧାନରେ ୬୫ ଜଣ କର୍ମଚାରୀ ଏବଂ ଝୁମ୍ପୁରା ପୁଲିସ ସାମିଲ ହୋଇଥିଲେ। ଝୁମ୍ପୁରା ବ୍ଲକ ଛକଠାରୁ ବଜାର ଦେଇ ବାଇପାସ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଜନସାଧାରଣ ଏବଂ ବିଶେଷ କରି ରାଜରାସ୍ତାରେ ବାଇକ୍ ତଥା ଅନ୍ୟାନ୍ୟ ଯାନବାହନ ଚାଳକଙ୍କୁ ଦୁର୍ଘଟଣାକୁ ଏଡ଼ାଇବା ସମ୍ବନ୍ଧରେ ସଚେତନତାର ବାର୍ତ୍ତା ଦେଇଥିଲେ। ଝୁମ୍ପୁରା ଥାନା ସବଇନ୍ସପେକ୍ଟର ବୁଦ୍ଧଦେବ ଓରାମ, ଆନନ୍ଦ ପରିଡା, ଏଏସଆଇ ଶ୍ରୀକାନ୍ତ ନାଏକ, ନରେଶ ଓରାମ, ଜଗନ୍ନାଥ କଣ୍ଡେଲକର, ହାବିଲଦାର ପ୍ରଦୀପ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ସାଲନ୍ଦୀ ମହୋତ୍ସବ ଉଦ୍‌ଯାପିତ



ହାଟଡ଼ିହୀ,୩୧।୧(ସମିସ): ହାଟଡ଼ିହୀ ବ୍ଲକ୍ ସୋସୋ ପଞ୍ଚାୟତ କାନପୁର ଗ୍ରାମରେ ୪ ଦିନ ଧରି ଦ୍ୱାଦଶତମ ସାଲନ୍ଦୀ ମହୋତ୍ସବ ଶୁକ୍ରବାର ରାତିରେ ଉଦଯାପିତ ହୋଇଯାଇଛି। ଏକ ବର୍ଣ୍ଣାଢ଼୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲାର କଂଗ୍ରେସ ସଭାପତି ମନୋଜ ଜେନା, ଅନ୍ୟତମ ଅତିଥି ହାଟଡ଼ିହୀ ବ୍ଲକ ଯୁବ କଂଗ୍ରେସ ନେତା ଚିତ୍ତରଞ୍ଜନ ପାତ୍ର, ବିକାଶଚନ୍ଦ୍ର ବଳ, ମୁଖ୍ୟବକ୍ତା ଭାବେ ପୂର୍ବତନ ସିଆରସିସି ଅଭୟ ପ୍ରଧାନ, ବାଲିବରେଇ କ୍ଲଷ୍ଟର ସିଆରସିସି ବିଶ୍ୱଜିତ୍ ରାଉତ, ସମାଜସେବୀ ଗଙ୍ଗାଧର ରାଉତ, ଶିକ୍ଷାବିତ୍ ହରମୋହନ ପଣ୍ଡା, ଜଗନ୍ନାଥ ବେହେରା, ଆଶିଷ କୁମାର ପୃଷ୍ଟି ସମାଜସେବୀ ଭୁବନେଶ୍ୱର ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ବିଶ୍ୱରଞ୍ଜନ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ତିମ ସନ୍ଧ୍ୟାରେ ଅଭିନେତ୍ରୀ ମିଲି ପାଲ, ଚୁଲବୁଲି ନାୟିକା ମଧୁସ୍ମିତା ଦାସ ଦର୍ଶକଙ୍କ ମନ ମୋହିଥିଲେ। ପରେ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଚଳିତବର୍ଷ ମହୋତ୍ସବର ମୁଖ୍ୟ ଆକର୍ଷଣ ସାଲନ୍ଦୀ କନ୍ୟା ମିଳିତ ଭାବେ ତମଶା ନାଥ, ନିଶିପ୍ରଭା ମହାପାତ୍ର, ସ୍ନେହାଶ୍ରୀ ଚକ୍ର, ମୋନାଶ୍ରି ସାମଲଙ୍କୁ ପ୍ରମାଣପତ୍ର, ଟ୍ରଫି ସହ ପୁରସ୍କାର ରାଶି ଦିଆଯାଇଥିଲା। ଉଦଯାପନୀ ଉତ୍ସବରେ ଅଭୟ ପ୍ରଧାନ, ବିଶ୍ୱଜିତ ରାଉତ, ହରିହର ଖମାରୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କଳାକାରଙ୍କୁ ଟ୍ରଫି, ସାର୍ଟିଫିକେଟ, ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା। କମିଟିର କୋଷାଧ୍ୟକ୍ଷ ଗୌରାଙ୍ଗ ଚରଣ ରାଉତ, ଗୌରାଙ୍ଗ ଚରଣ ବାରିକ, ଚୈତନ୍ୟ ମହାପାତ୍ର, ଉତ୍ତମ ବେହେରା, ଗଣେଶ ଜେନା, ସୋମନାଥ ରାଉତ, ସର୍ବେଶ୍ୱର ବେହେରା, ବସନ୍ତ ଦଳ, ପୁରୁଷୋତ୍ତମ ଦଳ, ଲମ୍ବୋଦର ଖମାରୀ, ବିଶ୍ୱନାଥ ଖମାରୀ, ଶତ୍ରୁଘ୍ନ ରାଉତ ପରିଚାଳନା କରିଥିଲେ।

# ମନରେଗା ନାମ ପରିବର୍ତ୍ତନ ବିରୋଧରେ କଂଗ୍ରେସର ବିକ୍ଷୋଭ



କେନ୍ଦୁଝର, ୩୧।୧(ସମିସ): କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ଜେନାଙ୍କ ଆହ୍ୱାନକ୍ରମେ ଜିଲ୍ଲା କଂଗ୍ରେସ ଉପସଭାପତି ସୁବ୍ରତ ଚକ୍ରଙ୍କ ସଭାପତିତ୍ୱରେ କେନ୍ଦୁଝର ଜିଲ୍ଲାପାଳଙ୍କ ଅଫିସ ସାମ୍ନାରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ମୂଳ ରୂପରେ ଅକ୍ଷୁଣ୍ଣ ରଖିବାକୁ ଦାବି କରି ଏକ ବିକ୍ଷୋଭ ସଭା ଆୟୋଜିତ ହୋଇଯାଇଛି। ମନମୋହନ ସିଂହଙ୍କ ଉପା ସରକାର ସମୟରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତିକ୍ରମେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହାଦ୍ୱାରା ଦୁଃଖଦ ଦାଦନ ସମସ୍ୟା ଲାଘବ ହୋଇ ଶ୍ରମିକଙ୍କ କଲ୍ୟାଣ ହେଉଥିଲା ଗ୍ରାମୀଣ ଲୋକଙ୍କ ପ୍ରଭୂତ ଉନ୍ନତ ହେଉଥିଲା। ଅପରପକ୍ଷେ ଏବେ ଏନଡ଼ିଏ ସରକାର ଦ୍ୱାରା ପ୍ରଣୀତ ଭିବିଜୀରାମଜୀ ସମ୍ପୂର୍ଣ ରୂପେ ଅଲଗା ପ୍ରକାର ବ୍ୟବସ୍ଥା। ଏହା ଶ୍ରମିକକୁ କାମ ଦେବା ନାମରେ ଶ୍ରମିକ ମାରଣ କାର୍ଯ୍ୟକ୍ରମ। ରାଜ୍ୟ ଓ ସ୍ଥାନୀୟ ଅଧିକାର ହ୍ରାସ କରି ଏହି ଯୋଜନା କେନ୍ଦ୍ରୀୟ ସହାୟତା ଆଧାରିତ ହୋଇଛି ଯାହାଦ୍ୱାରା ଶ୍ରମିକଙ୍କ ନିଯୁକ୍ତି ଅନିଶ୍ଚିତତା ଆଡକୁ ଚାଲିଯାଇଛି। ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ଏକ ନିକୃଷ୍ଟ କାର୍ଯ୍ୟ ବୋଲି ଦଳ ପକ୍ଷରୁ ବିଷୋଦଗାର କରାଯିବା ସହ ଦେଶବ୍ୟାପୀ 'ମନରେଗା ବଞ୍ଚାଅ ସଂଗ୍ରାମ'ରେ ଶ୍ରମିକଙ୍କୁ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏକ ବଡ଼ ପ୍ରତିବାଦ ସଭା କରି ଦଳ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଉତ୍ତମ ସାହୁ, କ୍ଷୀରୋଦ ପାତ୍ର, ଲଳିତ ନାୟକ, ରତ୍ନାକର ଜେନା, ହାଡ଼ିବନ୍ଧୁ ଖୁଣ୍ଟିଆ, ରାଞ୍ଜି ନାୟକ, ତ୍ରିଲୋଚନ ପରିଡା, ନିରାକାର ସାହୁ, ରବୀନ୍ଦ୍ର ମହାରଣା, ପ୍ରତିଭା ମଞ୍ଜରୀ ନାୟକ, ସବିତା ସାହୁ, ସୃଜନୀ ନାୟକ,ଆର୍ତ୍ତତ୍ରାଣ ଦାସ, ନିର୍ମଳ ନାୟକ, ଦିନେଶ ରାଉତ, ଶେଖ ଯାସିନ, ଶେଖ ମକ୍‌ସୁଦ୍ଦିନ, ପ୍ରଦୀପ ଗିରି, ପ୍ରଦୀପ ପ୍ରଧାନ, ଅମିତ ମହାନ୍ତ, ସୁବ୍ରତ ପ୍ରଧାନ, ଗୋବିନ୍ଦ ମହାନ୍ତ, ଗୌରହରି ନାଏକ, ଚିତ୍ତରଞ୍ଜନ ରାଉତ ପ୍ରମୁଖ ନେତା-କର୍ମୀ ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ବରିଷ୍ଠ ନେତା ଶ୍ରୀ ଜେନା ଜିଲ୍ଲାରେ ଶ୍ରମିକ ସମସ୍ୟା ସହ ବାଲି ମୋରମ ଚୋରି ଓ ମାଫିଆଙ୍କ ଉତ୍ପାତ ଉପରେ କହି ପ୍ରତିକାର ଲୋଡ଼ିଥିଲେ।



ଆନନ୍ଦପୁର: କବି ଡ. ଅଶୋକ କୁମାର ପୁହାଣଙ୍କୁ କଟକସ୍ଥିତ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ବାର୍ଷିକ ମିଳିତ ସାରସ୍ୱତ ସମାରୋହରେ ଅକ୍ଷୟ ସ୍ମାରକୀ କବିତା ସମ୍ମାନ ପ୍ରଦାନ କରାଯାଇଛି

## ୧୭ରୁ ୨୧ ମାଗଣା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

ତେଲକୋଇ, ୩୧।୧(ସମିସ): କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅଧୀନସ୍ଥ ତେଲକୋଇ କେନ୍ଦୁପତ୍ର ବନାଞ୍ଚଳର ବାଂଶପାଳ ବ୍ଲକର ହଳଦୀପାଣି, ଇମିରି ଓ ତେଲକୋଇ ବ୍ଲକର ଜନସନପୁର, ଟୁଂଗୁରୁବାହାଳ ଜେନାଦର ଗ୍ରାମରେ ଆସନ୍ତା ୧୭ରୁ ୨୧ ତାରିଖ ମଧ୍ୟରେ ଅଭିଜ୍ଞ ଭ୍ରାମ୍ୟମାଣ ଡାକ୍ତରୀଦଳମାଧ୍ୟମରେବିଶାଳମାଗଣାସ୍ୱାସ୍ଥ୍ୟପରୀକ୍ଷା ଏବଂ ଔଷଧ ବିତରଣ କାର୍ଯ୍ୟକ୍ରମ ହେବା ପାଇଁ ସ୍ଥିର କରାଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଚଳିତବର୍ଷରେ ସ୍ଥାନୀୟ କେନ୍ଦୁପତ୍ର ଶ୍ରମିକ ତଥା ଜନସାଧାରଣ ଆବଶ୍ୟକ ପରାମର୍ଶ ଔଷଧ ଗ୍ରହଣ କରିବା ପାଇଁ ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ଓ ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ସେନାପତି ନିବେଦନ କରିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, କେନ୍ଦୁପତ୍ର ସଂସ୍ଥା ତଥା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଫାଉଣ୍ଡେସନ ମିଳିତ ପ୍ରୟାସରେ ଏହି କାର୍ଯ୍ୟକ୍ରମଗୁଡିକୁ ସଫଳ କରିବା ପାଇଁ ସ୍ଥାନୀୟ ଲୋକପ୍ରତିନିଧି, ଏନଜିଓ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀଙ୍କୁ ରେଞ୍ଜର ମନୋରଞ୍ଜନ ସେନାପତି ଅନୁରୋଧ କରିଛନ୍ତି।

## ଶାଳବଣି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଆନନ୍ଦପୁର, ୩୧।୧ (ସମିସ): କେନ୍ଦୁଝର ଜିଲ୍ଲା ଅନନ୍ଦପୁର ବ୍ଲକ ଶାଳବଣି ସରକାରୀ ଉଚ୍ଚବିଦ୍ୟାଳୟର ୫୯ତମ କ୍ରୀଡ଼ା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଅଞ୍ଜଳି ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୌମ୍ୟକାନ୍ତ ଚୌଧୁରୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ପ୍ୟାରେଡ୍ ପରିବେଷଣ କରାଯାଇଥିଲା। କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତି ଅଞ୍ଜଳି ଦେ ଓ ଶାଳବଣିର ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜୀବ ନାଇକ ଓ କମିଟି ମେମ୍ବର ଶତ୍ରୁଘ୍ନ କାହାଳୀଙ୍କ ଦ୍ୱାରା ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୨ ଛାତ୍ର ସୌମ୍ୟପ୍ରକାଶ ସାହୁ ଓ ସନ୍ତୋଷ ସୁମନ ସାହୁଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟରୁ ରାଜ୍ୟ ସ୍ତରରୁ ଅଂଶଗ୍ରହଣ କରିଆସିଥିବା ୩ ଛାତ୍ର ସିଦ୍ଧେଶ୍ୱର କାହାଳୀ, ରଶ୍ମିରଞ୍ଜନ ବେହେରା ଓ କାହ୍ନୁଚରଣ ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଶାରୀରିକ ଶିକ୍ଷା ଶିକ୍ଷକ ସୌମ୍ୟରଞ୍ଜନ ସାହୁ, ଦୁର୍ଗାଭୂଷଣ ବାରିକ, ପାଗଳ ସିଂ, ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ମଞ୍ଜୁଲତା ସାହୁ, ରାଜଲକ୍ଷ୍ମୀ ସାମଲ ଏବଂ ବିଦ୍ୟାଳୟର ଅନ୍ୟ ସଦସ୍ୟ ତଥା ଶିଖାରାଣୀ ଜେନା, ଜିତେନ୍ଦ୍ର ତ୍ରିପାଠୀ ଓ ଗୋବିନ୍ଦଚନ୍ଦ୍ର ସାହୁ ସହଯୋଗ କରିଥିଲେ।



## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ଆନନ୍ଦପୁର, ୩୧।୧ (ସମିସ): ଆନନ୍ଦପୁର ପୌରପାଳିକା ଫକିରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେନେଜିଂ ଟ୍ରଷ୍ଟି ସୁଶାନ୍ତ ପତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ୯ ନଂ ୱାର୍ଡ କାଉନସିଲର ସୁରେନ୍ଦ୍ର ଦାସ, ୧୦ ନଂ ୱାର୍ଡ କାଉନସିଲର ସନତ କର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଜୟ କୁମାର ସାହୁ ଯୋଗ ଦେଇଥିଲେ। ଅତିଥି ପରିଚୟ ଅର୍ଚ୍ଚନା ପଣ୍ଡା ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମାଣୀକମାଳା ପତି ବାର୍ଷିକ ବିବରଣୀ ପାଠ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନିଆରା ପରମ୍ପରା ମାଘ ପୋଡ଼ା ପର୍ବ

# ଉଲ୍ଲାସରେ ସାମିଲ ହେଲେ ଯୁବକଯୁବତୀ



ତେଲକୋଇ, ୩୧।୧(ସମିସ): ଭୂୟାଁ ଜନଜାତିଙ୍କ ବିଶ୍ୱାସ ଅତୁଟ। ବିଶ୍ୱାସ ହିଁ ଦେବତା। ବହୁ ଦଶନ୍ଧି ଧରି ପାଳିତ ହେଉଛି ନିଆରା ଢଙ୍ଗରେ ମାଘ ପୋଡ଼ା ଉତ୍ସବ। ଏହି ପର୍ବ ମାଘ ମାସରେ ପପାଳନ କଲେ ଗ୍ରାମବାସୀଙ୍କ ମଂଗଳ କାମନା ହୋଇଥାଏ ବୋଲି ଚିରାଚରିତ ଅମଳରୁ ବିଶ୍ୱାସ ରହିଆସିଛି। ଏନେଇ ଗତ ଗୁରୁବାର ଓ ଶୁକ୍ରବାର ୨ ଦିନ ଧରି ମାଘ ପୋଡ଼ା ଉତ୍ସବରେ ତେଲକୋଇ ବ୍ଲକ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତର ଭାଲିଆଡାଳ ଗ୍ରାମବାସୀ ଧୁମ୍‌ଧାମରେ ସାମିଲ ହୋଇଛନ୍ତି। ଶତାଧିକ ଲୋକଙ୍କ ସମାଗମ ସହ ପ୍ରତି ଘରେ ଗହଳି। ମା' ମାଘେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ଗାଁ ମୁଣ୍ଡରୁ ଏକ ବିରାଟ ବାଉଁଶ ଲାଥିକୁ ବିଭିନ୍ନ ପ୍ରକାର ପତାକା ଲଗାଇ ଗ୍ରାମର ଦେହୁରୀ ପୂଜାପାଠ କରିଥାନ୍ତି। ଏଥିରେ ସାତ ଭଉଣୀଙ୍କୁ ବନ୍ଦାପନା କରାଯାଇ ପୂଜାପାଠ କରାଯାଏ ବୋଲି ଗ୍ରାମର ଦେହୁରୀ ପାଇକୁ ଦେହୁରୀ ପ୍ରକାଶ କରିଛନ୍ତି। ଗାଁ ମୁଣ୍ଡରୁ ବିଟକାୟ ବାଉଁଶକୁ (ପୂଜାର୍ଚ୍ଚନା ହୋଇଥିବା) ମାଘ ପୋଡ଼ା ପଡ଼ିଆକୁ ପ୍ରାୟ ୩୦୦ମିଟର ଦୂରକୁ ଗ୍ରାମରେ ଥିବା ଅବିବାହିତ ଝିଅ ଓ ନାତିମାନେ ତାଙ୍କୁ ବୋହି ନେଇଥାନ୍ତି। ଏକ ଦିନ ଅବିବାହିତ ଝିଅ ଓ ପୁଅମାନେ ଏହି କାର୍ଯ୍ୟ କଲେ ଗାଁର ମଂଗଳ କାମନା ହୋଇଥାଏ ବୋଲି ଗାଁ ମୁଖିଆ ଗୋବିନ୍ଦ ଦେହୁରୀ ପ୍ରକାଶ କରିଛନ୍ତି। ସେହିପରି ଗାଁ ଚାରିପଟେ ଥିବା ଜଙ୍ଗଲକୁ ଯିବା ଆସିବା କରି କାଠ ପତ୍ର ସଂଗ୍ରହ କଲେ କୌଣସି ପ୍ରକାର ବିପତ୍ତି ଆସି ନ ଥାଏ ବୋଲି ପ୍ରକାଶ କରିଥିଲେ। ତେବେ ମାଘ ପୋଡ଼ା ପର୍ବ ପଡ଼ିଆରେ ଲାଠିକୁ ୭ ବେଢ଼ା ବୋଲାଇ ପୂର୍ବ ଦିଗରେ ପୋତାଯାଏ। ଉକ୍ତ ମାଘ ପୋଡ଼ାରେ ଅଗ୍ନି ଜଳୁଥିବାର ଦୃଶ୍ୟ ଭକ୍ତଙ୍କୁ ଆକୃଷ୍ଟ କରିଥାଏ। ଚତୁପାର୍ଶ୍ୱରେ ଶାଳ ଗଜା ପୋତା ସାଙ୍ଗକୁ ଆମ୍ବ ଘେରରେ ତୋରଣରେ ସାଜସଜ୍ଜାକୁ ଏକ ଟାଙ୍ଗି ଦ୍ୱାରା ଡେଇଁ ଡେଇଁ ଛେଦନ କରିଥାନ୍ତି। ସେହିପରି ତୀର ବିନ୍ଧା ମଧ୍ୟ ହୋଇଥାଏ। ଏହାଦ୍ୱାରା ସୁଖଶାନ୍ତି ସହ ଗ୍ରାମର ମଂଗଳ ହୋଇଥାଏ ବୋଲି ବରିଷ୍ଠ ବ୍ୟକ୍ତି ନିଧି ଦେହୁରୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ପରେ ଗ୍ରାମର ମନୋରଞ୍ଜନ ନିମନ୍ତେ ଅପେରା ପରିବେଷଣ କରାଯାଇଥିବା ବେଳେ ଉଦଘାଟନ ଅବସରରେ ଗୋଡା ପଞ୍ଚାୟତର ନାଏବ ସରପଞ୍ଚ ସୁଶୀଳ ମହାନ୍ତ, ପୂର୍ବତନ ସରପଞ୍ଚ ଶିରପାଣୀ ପଧାନ, ପୂର୍ବତନ ସମିତିସଭ୍ୟ ଗୋବିନ୍ଦ ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା

ହାଟଡ଼ିହୀ,୩୧।୧(ସମିସ): ହାଟଡ଼ିହୀ ବ୍ଲକ୍ ବଡ଼ରମ୍ପାସ୍ଥିତ ଜପିଦାସ ହାଇସ୍କୁଲଠାରେ ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବିଆରସିସି ତଥା ଏବିଇଓ ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜପିଦାସ ହାଇସ୍କୁଲର ପ୍ରଧାନଶିକ୍ଷକ ଡମ୍ବରୁଧର ଦେହୁରୀ, ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନା, ସମସ୍ତ ସିଆରସିସି ଯୋଗ ଦେଇଥିଲେ। ଶିକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ ଧାରା ବିବରଣୀ ସହ ମଞ୍ଚ ପରିଚାଳନା କରିଥିଲା ବେଳେ ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନା ଓ କେଶବଚନ୍ଦ୍ର କର, ସୁଦର୍ଶନ ମୁଦୁଲିଙ୍କ ସମେତ ଉପସ୍ଥିତ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ନିମନ୍ତେ ବିଭିନ୍ନ ସ୍କୁଲରୁ ଆସିଥିବା ପିଲାଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ସବ୍‌ଜୁନିଅର ଗ୍ରୁପରେ ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଅକରୁଆ ବି.ଡ଼ି ପ୍ରାଥମିକ ବିଦ୍ୟାଳୟର ସାଇସ୍ୱରୂପ ନାୟକ, ୨ୟରେ ବ୍ରାହ୍ମଣୀକଳା ପ୍ରାଥମିକ ବିଦ୍ୟାଳୟର ସ୍ନେହାଂଶୁ ଶେଖର ରାଉତ, ତୃତୀୟରେ ଶଙ୍ଖଣା ଉପ୍ରା ବିଦ୍ୟାଳୟର କ୍ରିଷ୍ଣା କୁମାରୀ ସେଠୀ କୃତକାର୍ଯ୍ୟ ହୋଇଥିଲେ। ଜୁନିଅର ଗ୍ରୁପରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏଁ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତାରେ ପ୍ରଥମରେ ନିଶାକର ଉପ୍ରା ବିଦ୍ୟାଳୟର ମନିଷ ନାୟକ, ଦ୍ୱିତୀୟରେ ମୁଗୁପୁର ହାଇସ୍କୁଲର ବିଶ୍ୱନାଥ ସାହୁ, ତୃତୀୟରେ ପାଟ ଜାଗୁଳାଇ ଉପ୍ରା ବିଦ୍ୟାଳୟ ମିଠିଗାଁର ସୁନୀଲ ଭୋଇ. ସିନିଅର ଗ୍ରୁପଙ୍କ ମଧ୍ୟରେ ବାରିଗାଁ ନିଶାକର ହାଇସ୍କୁଲର ଶୁଭମ କୁମାର ଦାସ ପ୍ରଥମ ସ୍ଥାନ, କପିଳେଶ୍ୱର ହାଇସ୍କୁଲ କଳିଗାଁର ଅଜୟ କୁମାର କର ଦ୍ୱିତୀୟ ସ୍ଥାନ, ରମ୍ପାସ୍ଥିତ ମାଳତୀଦେବୀ ହାଇସ୍କୁଲର ଶୁଭଲଗ୍ନା ସାହୁ ତୃତୀୟ ସ୍ଥାନରେ କୃତକାର୍ଯ୍ୟ ହୋଇଥିଲେ। ଏହି କୃତୀ ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।



## ସଂକଟ ମୋଚନ ହନୁମାନ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ

କେନ୍ଦୁଝର, ୩୧।୧(ସମିସ): କେନ୍ଦୁଝର ସଦର ବ୍ଲକ କାଉଁରୀକଳାର ମହାରାମୁଣ୍ଡି ସାହିରେ ଥିବା ସଂକଟମୋଚନ ବୀର ହନୁମାନଙ୍କ ମନ୍ଦିର ବିଗ୍ରହଙ୍କ ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ହନୁମାନଙ୍କର ଷୋଡଶ ଉପଚାର ପୂଜା, ସୁନ୍ଦରାକାଣ୍ଡ ପଠନ, ହୋମଯଜ୍ଞ, ୧୦୮ ହନୁମାନ ଚାଳିଶା ପଠନ ହୋଇଥିଲା। କର୍ତ୍ତା ଇଂ ବସନ୍ତ କୁମାର ଦାନୀ ଏବଂ ବିଜୟା ଦାନୀ ଥିବାବେଳେ ସଂଜୟ ତ୍ରିପାଠୀଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମାପନ ହୋଇଥିଲା। ପୂଜାରେ ଗ୍ରାମର ତଥା ଆଖପାଖ ଅଞ୍ଚଳର ବହୁ ଭକ୍ତ ଯୋଗ ଦେଇ ପ୍ରସାଦ ଗ୍ରହଣ କରିଥିଲେ। ଏହି ଗ୍ରାମର ଦମୟନ୍ତୀ ମହାନ୍ତ, ମଳିନୀ ମହାନ୍ତ, ଜାନକୀ ମହାନ୍ତ, କୁନ୍ଦେଶ୍ୱରୀ ମହାନ୍ତ, ସରସ୍ୱତୀ ମୁଣ୍ଡା, ସ୍ୱର୍ଣ୍ଣଲତା ମହାନ୍ତ, ଦୁଷ୍ମନ୍ତ ମହାନ୍ତ, ଭବାନୀ ମହାନ୍ତ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

ବିଷ ବଳୟରେ ରଘୁନାଥପୁର ବାସିନ୍ଦା

# ଅଳିଆ ଗଦା ଧୂଆଁରେ ଲୋକେ ଅଣନିଶ୍ୱାସୀ



ବାରିପଦା, ୩୧।୧(ସମିସ): ବିଷ ବଳୟରେ ବାରିପଦା ସହର। ସହର ଉପକଣ୍ଠର ୱାର୍ଡ ନଂ ୨୨ ରଘୁନାଥପୁର ଅଞ୍ଚଳରେ ଥିବା ଅଳିଆଗଦାରେ ଲାଗିଥିବା ନିଆଁ ଦିନରାତି ଧରି ଲିଭିବାର ନାଁ ନେଉନାହିଁ। ଏହି ଅବିରତ ଧୂଆଁରେ ସମଗ୍ର ଅଞ୍ଚଳ ଆଚ୍ଛାଦିତ ହେବା ଯୋଗୁଁ ଛୋଟ ଶିଶୁଠାରୁ ଆରମ୍ଭ କରି ବୟସ୍କ ଲୋକ ପର୍ଯ୍ୟନ୍ତ ନିଶ୍ୱାସ ନେବାରେ ଭୟଙ୍କର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବଳ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ଏହି ଧୂଆଁ ଯୋଗୁଁ ବାରିପଦା ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ମଧ୍ୟ ବେଳେବେଳେ ଚିନ୍ତାଜନକ ସ୍ତରକୁ ବଢ଼ିଯାଉଛି। ହଜାର ହଜାର ସ୍ଥାନୀୟ ବାସିନ୍ଦା ପ୍ରଦୂଷଣ କବଳରେ ପଡ଼ି ଦୈନନ୍ଦିନ ଜୀବନଯାପନ କରିବାକୁ ବାଧ୍ୟ ହେଉଛନ୍ତି।

ବାରିପଦା ସହରର ୨୮ଟି ୱାର୍ଡରୁ ପ୍ରତିଦିନ ବାହାରୁଥିବା ବର୍ଜ୍ୟବସ୍ତୁ ଏହି ମଇଳା ଖାଦାନରେ ପହଞ୍ଚିଥାଏ। ସେଠାରେ ପୃଥକୀକରଣ ବ୍ୟବସ୍ଥା ନଥିବା ରହିଛି। ପରନ୍ତୁ ବର୍ଜ୍ୟବସ୍ତୁରୁ ଲୁହା ଓ କାଚ ଓ ଅନ୍ୟ ଧାତବ ଦ୍ରବ୍ୟ ସଂଗ୍ରହ ପାଇଁ ଜରି ଗୋଟାଳି ପ୍ରତିଦିନ ନିଆଁ ଲଗାଉଛନ୍ତି। ଏଥିରେ ଅଞ୍ଚଳ ଲଗାତାର ଧୂଆଁ ସମସ୍ୟାର ସମାଧାନ ପାଇଁ ପୌରପରିଷଦଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ ଏଯାଏଁ କୌଣସି ସ୍ଥାୟୀ ପଦକ୍ଷେପ ଦେଖିବାକୁ ମିଳୁନାହିଁ। ତୁରନ୍ତ ଅଳିଆଗଦାରୁ ନିଆଁ ଲିଭାଇବା ସହ ଏହାକୁ ସହର ମଧ୍ୟରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି ଉଠାଉଛନ୍ତି। ଆଶ୍ଚର୍ଯ୍ୟର କଥା, ସହରକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଅନେକ ନୀତି-ନିୟମ ଥିବା ସତ୍ତ୍ୱେ ଖୋଦ ପୌର ପ୍ରଶାସନ ଏହାକୁ ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। ଅଳିଆଗଦାରେ ନିଆଁ କିପରି ଲାଗିବ ନାହିଁ, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ବାରିପଦା ପୌରପାଳିକା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ସ୍ଥାନୀୟ ବାସିନ୍ଦା ଦେବାନନ୍ଦ ମୁର୍ମୁ ଓ ନକୁଳ ପାତ୍ର କହିଛନ୍ତି। ବାସ୍ତବରେ ଏହା ପାଳନ ନ ହୋଇ ସମ୍ପୂର୍ଣ୍ଣ ବିପରୀତ ହେଉଥିବା ଅଭିଯୋଗ ଆସିଛି। ଅନ୍ୟପଟେ ବାରିପଦା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ଏହି ଗୁରୁତର ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଖୁବଶୀଘ୍ର ପଦକ୍ଷେପ ନେବେ ଓ ସ୍ଥାୟୀ ସମାଧାନ କରାଯିବ ବୋଲି କହିଛନ୍ତି। ଏହି ସମସ୍ୟାର ସମାଧାନ କେବେ ହେଉଛି, ସମଗ୍ର ବାରିପଦା ସହରବାସୀଙ୍କ ନଜର ତା' ଉପରେ ରହିଛି।

## ଆଜି ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଜିଲ୍ଲାସ୍ତରୀୟ ମହୋତ୍ସବ

ବେତନଟୀ, ୩୧।୧(ସମିସ): ପରମପୂଜ୍ୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଶୁଭ ୧୩୮ତମ ଆବିର୍ଭାବ ମହୋତ୍ସବ ତଥା ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସତସଙ୍ଗ ଆସନ୍ତାକାଲି ସତସଙ୍ଗ ବିହାରରେ ଅନୁଷ୍ଠିତ ହେବ। ଅନୁକୂଳଚନ୍ଦ୍ର ୧୩୭ ବର୍ଷ ପୂର୍ବେ ଅବିଭକ୍ତ ବେଙ୍ଗଲର ପାବନା ଜିଲ୍ଲାର ହିମାୟତପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଆଦର୍ଶ ଓ ମାର୍ଗରେ ଲକ୍ଷ ଲକ୍ଷ ଅନୁଗାମୀ ଭକ୍ତ ସାରା ଭାରତ ଓ ବାହାରେ ମଧ୍ୟ ଅନୁପ୍ରାଣିତ। ୧୩୮ତମ ସମାବେଶରେ ହଜାର ହଜାର ଭକ୍ତ ପୂର୍ବାହ୍ନ ୮ ଘଣ୍ଟାରୁ ସନ୍ଧ୍ୟା ପାଞ୍ଚ ମଧ୍ୟରେ ଯୋଗଦେଇ ସଫଳ କରିବା ପାଇଁ ନିବେଦନ କରାଯାଇଛି। ଏହି ଉତ୍ସବ ସମ୍ମିଳନୀରେ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ବିଭିନ୍ନ ଉପାଦେୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଏ ଉପଲକ୍ଷେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବେଣୁଧର ମହାରଣା, ଶଙ୍କର୍ଷଣ ସାହୁ, ବାରେଶ୍ୱର ଜ୍ୟୋତିଶି, ସଞ୍ଜୟ ବେହେରା, ଖଗେନ୍ଦ୍ର ସାହୁ, କରୁଣାକର ପତି, ରତିକାନ୍ତ ଜେନା, ବିଶ୍ୱରୂପ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



କୁଆମରା, ୩୧।୧(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜର ୧୦ ଦିନିଆ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। ଅତିଥି ଭାବେ ଅଧ୍ୟକ୍ଷ ସୁବଳ ଦାସ, ଅଧ୍ୟାପକ ପ୍ରଭାତ ସେନାପତି, ଛତିଶ କୁମାର ଦାସ, ଅବନୀ ମହାନ୍ତି, ଗୋପିନାଥ ପଣ୍ଡା, ବିଶ୍ୱନାଥ ବେହେରା, ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ, ରାଜଲକ୍ଷ୍ମୀ ବେହେରା, ନମିତା ପ୍ରଧାନ ପ୍ରମୁଖ ଯୋଗଦେଇ ଆତ୍ମରକ୍ଷାର ଆବଶ୍ୟକତା ଉପରେ ପରାମର୍ଶ ଦେଇଥିଲେ। ୧୫୦ ଜଣ ଛାତ୍ରୀ ତାଲିମ ନେଇଥିଲେ। ଅଧ୍ୟାପିକା ମଧୁସ୍ମିତା ପତିଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଭାବେ ମିନତୀ ପଲତା ଯୋଗ ଦେଇଥିଲେ।

## ବୁଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଦିବସରେ ଛାତ୍ରଛାତ୍ରୀଙ୍କ ସଫେଇ



ରାସଗୋବିନ୍ଦପୁର, ୩୧।୧(ସମିସ): ରାସଗୋବିନ୍ଦପୁରର ପ୍ରସିଦ୍ଧ ବୁଦ୍ଧେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଦିବସ ଅବସରରେ ରାସଗୋବିନ୍ଦପୁର କଲେଜ ଓ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ମନ୍ଦିର ପରିସର ଅଞ୍ଚଳରେ ସଫେଇ କାର୍ଯ୍ୟ କରିଛନ୍ତି। ଛାତ୍ରଛାତ୍ରୀ ମନ୍ଦିର ପରିସର, ଖେଳାଘର ଓ ଆଖପାଖ ରାସ୍ତାକୁ ପରିଷ୍କାର କରିଥିଲେ। ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ଆଗାମୀ ପିଢ଼ି ପାଇଁ ଉତ୍ତମ ଦୃଷ୍ଟାନ୍ତ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ଦେବରଞ୍ଜନ ରାଷ୍ଟ୍ରୀୟ ଏକତା ଶିବିର ପାଇଁ ମନୋନୀତ

ରାସଗୋବିନ୍ଦପୁର, ୩୧।୧(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତରଗତ ନଳଗଜା ପଞ୍ଚାୟତର ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ଛାତ୍ର ଦେବରଞ୍ଜନ ପାତ୍ର ବିହାରରେ ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ ଏକତା ଶିବିର ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ବିଶ୍ୱବିଦ୍ୟାଳୟ ଦଳରେ ସ୍ଥାନ ପାଇ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ସହିତ ନିଜକୁ ସମାଜ ପାଇଁ ଉତ୍ସର୍ଗ କରିବାକୁ ଖୋରାକ ଯୋଗାଇବ ବୋଲି ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅରୋପ୍ରସାଦ ପରିଡ଼ା ଆଶାପୋଷଣ କରିଛନ୍ତି। ଏ ନେଇ ଦେବରଞ୍ଜନ ପାତ୍ର ଅଧ୍ୟକ୍ଷ ଡକ୍ଟର ସଞ୍ଜୀବ କୁମାର ନାୟକ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅରୋପ୍ରସାଦ ପରିଡ଼ା, ଜିଲ୍ଲା ନୋଡାଲ ଅଫିସର୍ ଡକ୍ଟର ଅନାମ ଚରଣ ରାଉଳ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବସନ୍ତ କୁମାର ମହାନ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କୁଆମରା, ୩୧।୧(ସମିସ): ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନିଦିନିଆ ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିବରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ସମ୍ମାନିତ ଅତିଥି ବ୍ଲକ ଶିକ୍ଷାଧିକାରୀ ଡଃ ଅଭିମନ୍ୟୁ ସେଠୀ, ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ଭାଗୀରଥି ମଲ୍ଲିକ, ସାଂଗଠନିକ ସମ୍ପାଦକ ସାବିତ୍ରୀ ପାତ୍ର, ଓଷ୍ଟା ସଂଘ ସଭାପତି ଚିତ୍ତରଞ୍ଜନ ପଲତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଦନମୋହନ ମୁର୍ମୁ, ହରିଶ ରାଉତ, କେଶବ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସଫଳତାର ମୂଳମନ୍ତ୍ର କଠିନ ପରିଶ୍ରମ ବୋଲି ମତବ୍ୟକ୍ତ କରିଥିଲେ। ୭ଟି ବିଭାଗ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୁଇ ଚାମ୍ପିଅନ ସମେତ ୨୩ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ନିର୍ମଳ ଦାସବାବୁ ଶ୍ଳୋକ ପାଠ କରିଥିବାବେଳେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୩୧।୧(ସମିସ): ସ୍ଥାନୀୟ ମୟୂରଭଞ୍ଜ ଆଇନ୍ ମହାବିଦ୍ୟାଳୟରେ ଶୁକ୍ରବାର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପୋଶ ଆକ୍ଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡଃ ରଞ୍ଜନ ତରାଇ ପୋଶ୍ ଆକ୍ଟର




ସମସ୍ତ ନିୟମାବଳୀ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥାପନ କରିଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ରବୀନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସିନିୟର ଆସିଷ୍ଟାଣ୍ଟ ପ୍ରଫେସର ଡଃ ବନମାଳୀ ବାରିକ, ଭକ୍ତଚରଣ ସୋରେନ, ଆସିଷ୍ଟାଣ୍ଟ ପ୍ରଫେସର ସୁନୀଲ ଜେନା, ଧୀରେନ୍ଦ୍ର ବେହେରା, ଜୟଶ୍ରୀ ମିଶ୍ର, ଶ୍ରଦ୍ଧା ସୋରେନ ଓ ଏସ ନାୟକ ପ୍ରମୁଖ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଅଂଶଗ୍ରହଣ କରି ଉକ୍ତ ପୋଶ ଆକ୍ଟର ନିୟମାବଳୀର ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ରାଜଶ୍ରୀ ପଟ୍ଟନାୟକ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ପୋଶ ଆକ୍ଟ ୨୦୧୩ରେ ବର୍ଣ୍ଣିତ ନିୟମାବଳୀ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ଏହାର ପ୍ରସାର ଓ ପ୍ରଚାର ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଉଭୟ ମହିଳା ଓ ପୁରୁଷ କର୍ମଚାରୀଙ୍କୁ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ରୋକିବା ପାଇଁ ଆଇନଗତ ପ୍ରାବଧାନ ବିଷୟରେ ସମ୍ୟକ୍ ବିବରଣୀ ପ୍ରଦାନ କରିଥିଲେ। ସିନିୟର ଆସିଷ୍ଟାଣ୍ଟ ପ୍ରଫେସର ଭକ୍ତ ଚରଣ ସୋରେନ୍ ଧନ୍ୟବାଦ ଦେଇଥିଲେ।

## ଖୋ-ଖୋ ପ୍ରଶିକ୍ଷକଙ୍କୁ ତୃଣମୂଳ କ୍ରୀଡ଼ା ବିକାଶ ସମ୍ମାନ

ବାରିପଦା, ୩୧।୧(ସମିସ): ଓଡ଼ିଶା ଏଏମ୍/ଏନଏସ ଇଣ୍ଡିଆ ଖୋ-ଖୋ ହାଇପର୍ଫର୍ମାନ୍ସ ସେଣ୍ଟର ପୁରୀ ଦ୍ୱାରା ଆୟୋଜିତ ଖୋ-ଖୋ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ତୃଣମୂଳ କ୍ରୀଡ଼ା ବିକାଶ ସମ୍ମାନରେ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶାରିରୀକ ଶିକ୍ଷା ପ୍ରଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା ସମ୍ମାନିତ ହୋଇଛନ୍ତି। ସେ ବଡ଼ସାହି ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅସ୍ତପୁରାର ଶଙ୍କେଶ୍ୱର ପଣ୍ଡା ଓ ସୁମତୀ ପଣ୍ଡାଙ୍କ ପୁତ୍ର। ମୟୂରଭଞ୍ଜ ଜିଲ୍ଲାରେ ଖୋ-ଖୋ ଖେଳ କିପରି କୋଣଅନୁକୋଣରେ ପହଞ୍ଚିବ, ସେଥିପାଇଁ ସର୍ବଦା ଚେଷ୍ଟିତ। ତତ୍‌ସହିତ ତୃଣମୂଳ ସ୍ତରରେ ଛୋଟ ଛୋଟ କ୍ରୀଡ଼ାବିତ ଖୋ-ଖୋ ଖେଳରେ ପ୍ରଶିକ୍ଷିତ ହୋଇ ଉଚ୍ଚକୋଟୀର ପ୍ରଦର୍ଶନ କରିବେ, ଅନବରତ ଶହ ଶହ କ୍ରୀଡ଼ାବିତଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କ ପ୍ରଶିକ୍ଷଣ ପାଇ ୨୦୧୬ରେ ବଡ଼ସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟ କେଜିବିଭିର ଛାତ୍ରୀ ବର୍ଷା ସିଂ ମୟୂରଭଞ୍ଜ ଜିଲ୍ଲାରୁ ଓଡ଼ିଶା ସର୍ବକନିଷ୍ଠ ଖୋଖୋ ଦଳ ପାଇଁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିଲେ। ବର୍ଷା ସିଂ ୨୦୧୭ରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସର୍ବକନିଷ୍ଠ ଖୋ-ଖୋ ଦଳ ପାଇଁ ଉଚ୍ଚ ଖେଳ ପ୍ରଦର୍ଶନ କରି ରାଜ୍ୟ ପାଇଁ ବ୍ରୋଞ୍ଜ ପଦକ ଅର୍ଜନ କରିବା, ୨୦୧୮ ରେ ରାଜ୍ୟ ଜନଜାତି କ୍ରୀଡ଼ାରେ ମୟୂରଭଞ୍ଜ ଖୋ-ଖୋ ସର୍ବକନିଷ୍ଠ ବାଳିକା ଦଳକୁ ରାଜ୍ୟରେ ଦ୍ୱିତୀୟସ୍ଥାନ ପହଞ୍ଚାଇବାଠାରୁ ଅଦ୍ୟାବଧି ୩୫ତମ ସର୍ବକନିଷ୍ଠ ଜାତୀୟ ଖୋଖୋ ପ୍ରତିଯୋଗିତାରେ ଓଡ଼ିଶା ଦଳ ପାଇଁ ପ୍ରତିନିଧିତ୍ୱ କରୁଥିବା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବାରିପଦା -୧ (ଲକ୍ଷ୍ମୀପୋଷି)ର ଛାତ୍ର ଯାଆଁଳା ଭାଇ ଲବ ମୁର୍ମୁ ଓ କୁଶ ମୁର୍ମୁଙ୍କ ପ୍ରଶିକ୍ଷଣ ଯୋଗଦାନ ଶ୍ରୀ ପଣ୍ଡା ମାର୍ଗଦର୍ଶକ ଅଟନ୍ତି। ଏ ଅବସରରେ ଦୁଇ ଉଦୀୟମାନ କ୍ରୀଡ଼ାବିତ ଓ ପ୍ରଶିକ୍ଷକ ଶ୍ରୀ ପଣ୍ଡାଙ୍କୁ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସଭାପତି ଜିଲ୍ଲାପାଳ ହେମକାନ୍ତ ସଏ, ସାଧାରଣ ସମ୍ପାଦକ ବିଜୟଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁବାଶିଷ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ, ବଡ଼ସାହି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଆଥଲେଟିକ ଆସୋସିଏସନର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।




## କେଶଡିହା ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ

ମହୁଲଡ଼ିହା, ୩୧।୧(ସମିସ): ଠାକୁରମୁଣ୍ଡା ବ୍ଲକ କେଶଡିହା ସରକାରୀ ଉଚ୍ଚବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ସାମଗ୍ରିକ ବିକାଶ ପିଏମଶ୍ରୀର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଇଓ କୁଞ୍ଜବିହାରୀ ପ୍ରଧାନ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼, ଫୁଲଝର ପ୍ରଧାନଶିକ୍ଷକ ଭୂରିଶ୍ରବା ବେହେରା, ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ, ଚମକପୁର ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ, ସିଆରସିସି ବିଶେଶ୍ୱର ତରେଇ, ପରିଚାଳନା କମିଟି ସଭାପତି ଆଦିକନ୍ଦ ନାୟକ, ହାତିବାରୀ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ ନାୟକ, କେନ୍ଦୁମୁଣ୍ଡି ବିଦ୍ୟାଳୟ ପ୍ରଧାନଶିକ୍ଷକ ରବିକାନ୍ତ ମିଶ୍ର, ଜୟପ୍ରକାଶ ନାରାୟଣ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ଉପସଭାନେତ୍ରୀ ଗୁରୁବାରୀ ସଏ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶିବସ୍ୱରୂପ ଦଳେଇ ବିବରଣୀ ଉପସ୍ଥାପନ କରିଥିଲେ। ସହକାରୀ ଶିକ୍ଷକ ଭରତ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କ୍ରୀଡ଼ା ଶିକ୍ଷୟିତ୍ରୀ ମଞ୍ଜୁଲତା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଦିଗଧର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମହୁଲଡିହା, ୩୧।୧(ସମିସ): ଦିଗଧର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ଶିକ୍ଷା ଅମୂଲ୍ୟ ସମ୍ପଦ। ତାକୁ କେହି କେବେ ଛଡ଼ାଇ ନେଇପାରିବେ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ କାଦଡିହା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭାଗବତ ଲେଙ୍କା, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା, ଠାକୁରମୁଣ୍ଡା ବିଇଓ କୁଞ୍ଜବିହାରୀ ପ୍ରଧାନ, ଅନ୍ୟତମ ସମ୍ମାନିତ ଅତିଥି ଜୟପ୍ରକାଶ ନାରାୟଣ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ ଯୋଗ ଦେଇଥିଲେ। ଅଧ୍ୟକ୍ଷ ହିମାଂଶୁ ସନ୍ଧିବିଗ୍ରହ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୀମତୀ ଦାଶ ଓ ଉଦୟ ମାଝୀ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଆଶିଷ ପାଣିଗ୍ରାହୀ ମାନପତ୍ର ପାଠ କରିଥିଲେ। ଶିକ୍ଷକ ମାନଗୋବିନ୍ଦ ତରାଇ ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଉପଖଣ୍ଡସ୍ତରୀୟ ସହିଦ ଦିବସ ପାଳନ

ଉଦଳା, ୩୧।୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶକ୍ରମେ କପ୍ତିପଦା ଉପଖଣ୍ଡସ୍ତରୀୟ ସହିଦ୍ ଦିବସ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। ସ୍ୱାଧୀନତା ସଂଗ୍ରାମରେ ଦେଶମାତୃକା ପାଇଁ ପ୍ରାଣବଳି ଦେଇଥିବା ସହିଦଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆୟୋଜିତ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କାର୍ଯ୍ୟକ୍ରମ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଗାନ୍ଧିଜୀଙ୍କ ଅହିଂସା ଓ ସତ୍ୟାନୁସରଣ ମାର୍ଗରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଡେପୁଟି କଲେକ୍ଟର ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ। ଅନ୍ୟତମ ଡେପୁଟି କଲେକ୍ଟର ଅଙ୍କିତା ହାଁସଦା, ସହକାରୀ ଜିଲ୍ଲାପାଳ ପ୍ରବୀଣ ମାଝୀ, ତପନ ବାରିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଲିପିପୁଷ୍ପା ଦାସ, ସହକାରୀ ଯୋଗଣ ଅଧିକାରୀ ଶରତ ବେହେରା, ସେକ୍‌ସନ ଅଫିସର ଶାଙ୍ଖାଇ ହେମ୍ବ୍ରମ, ରମେଶ ପୃଷ୍ଟି, କର୍ମଚାରୀ କବିତା ଖିଲାର, ସତ୍ୟପ୍ରକାଶ ପାତ୍ର, ରାଉତରାୟ ମୁର୍ମୁ, ଗୌତମ ପ୍ରଧାନ, ଶ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ ପ୍ରମୁଖ ଉପସ୍ଥିତ ରହି ନିରବ ପ୍ରାର୍ଥନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ



ବାରିପଦା, ୩୧।୧(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ସାମାଜିକ କାର୍ଯ୍ୟ ବିଭାଗ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦଯାପିତ ହୋଇଛି। ଆବାହକ ସହକାରୀ ପ୍ରଫେସର ଶୁଭେନ୍ଦୁ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ପ୍ରଗତି ପାଇଁ ସାମାଜିକ କାର୍ଯ୍ୟ ବିଭାଗର ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଅବସରପ୍ରାପ୍ତ ପ୍ରତ୍ନତତ୍ତ୍ୱବିତ୍ ଡକ୍ଟର ନବକୁମାର ଦ୍ୱାରି ଓ ପଦ୍ମଶ୍ରୀ ଡକ୍ଟର ଦମୟନ୍ତୀ ବେଶ୍ରା ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୨ଟି ବିଶ୍ୱବିଦ୍ୟାଳୟ, ୭ଟି ମହାବିଦ୍ୟାଳୟର ୨୧୦ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିବା ସହିତ ୨୭ ଜଣ ଛାତ୍ରଛାତ୍ରୀ ଆଦିମ ଜନଜାତିଙ୍କ ଉପରେ ଗବେଷଣା ପଠନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଡିଆ, ମାଙ୍କଡିଆ, ଜୁଆଙ୍ଗ, ସାନ୍ତାଳ, ସମ୍ପ୍ରଦାୟର ୮୦ ଜଣ ଲୋକ ଉପସ୍ଥିତ ରହି ମତାମତ ଜଣାଇଥିଲେ। ଏମବିଆର ସମୀର ସାହୁ ଉପସ୍ଥିତ ଥିଲେ। ଉକ୍ତ ଜାତୀୟ ଆଲୋଚନାଚକ୍ରରେ ଆଦିମ ଜନଜାତିଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କମଳ ବଣ୍ଟନ କରାଯାଇଥିଲା। ଅଂଶଗ୍ରହଣ କରିଥିବା ସମସ୍ତ ଗବେଷକ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବାବେଳେ ବିଭାଗୀୟ ଅଧ୍ୟାପିକା ପାଏଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ସାତପୁଟଳିଙ୍କ ପାହାଡ଼ି ପୂଜା

କଳାବାଡ଼ିଆ, ୩୧।୧( ସମିସ): ବାଙ୍ଗିରିପୋଷି ବ୍ଲକ ବୁଢୀଖମାରୀ, ବଡ଼ଗାଁ ଓ ଭୁଆସୁଣୀ ପଞ୍ଚାୟତର ମଧ୍ୟସ୍ଥଳରେ ମା' ସାତପୁଟଳିଙ୍କ ପାହାଡ଼ି ପୂଜା ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଭକ୍ତଙ୍କ ଗହଣରେ ଦେବୀଙ୍କୁ ଦେହୁରୀ ଶରତ ଚନ୍ଦ୍ର ନାଏକ ପୂଜା କରିଛନ୍ତି। ବୁଢୀଖମାରୀ ପଞ୍ଚାୟତ ଉଦାଳି ଗ୍ରାମ ନିକଟରେ ବସିଛି ମେଳା ସାଙ୍ଗକୁ ବିଭିନ୍ନ ଦୋକାନ। ପୂଜାରୀ ଲୋକଙ୍କ ମନସ୍କାମନା ପାଇଁ ବୁଦା ଓ କୁକୁଡା ବଳି ପକାଇଛନ୍ତି। ଏକଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ମା'ଙ୍କ ପୂଜା ହୋଇଆସୁଥିବା ବୁଢୀଖମାରୀ ପଞ୍ଚାୟତର ଜଣେ ଭକ୍ତ ମୁନିରାମ ମାରାଣ୍ଡି କହିଛନ୍ତି। ଉଦାଳି ଗ୍ରାମଠାରୁ ଦୁଇ କିଲୋମିଟର ଖାଲି ପାଦରେ ପାହାଡ଼ ଓ ଜଙ୍ଗଲ ମଧ୍ୟରେ ଚାଲିଚାଲି ମା'ଙ୍କ ପୀଠକୁ ଭକ୍ତ ଯାଇଥା'ନ୍ତି। ମା'ଙ୍କ ପୀଠକୁ ଯିବାକୁ ପାହାଡ଼ର ଚତୁଃପାର୍ଶ୍ୱରେ ରାସ୍ତା ରହିଥିବାବେଳେ ଲୋକାରଣ୍ୟ ମା' ପ୍ରତି ଥିବା ଭକ୍ତି ସୁଚାଇ ଦେଇଛି। ୨୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସହିତ ବିଧାୟିକା ସଞ୍ଜଲି ମୁର୍ମୁଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମକର ସଂକ୍ରାନ୍ତିର ୧୫ ଦିନ ପରେ ପଡୁଥିବା ପ୍ରଥମ ଗୁରୁବାର ଦିନ ମା' ପାଟଳି ଦେବୀଙ୍କ ପୂଜା ହୋଇଥାଏ। ୧୮ଟି ଗ୍ରାମର ଲୋକଙ୍କୁ ନେଇ ଦୁଇଟି କମିଟି ଗଠନ କରାଯାଇଛି। ଗୋଟିଏ କମିଟି ମା'ଙ୍କ ପୀଠରେ ପୂଜା କଥା ବୁଝୁଥିବାବେଳେ ଅନ୍ୟ କମିଟି ମେଳା ପରିଚାଳନା ସହିତ ଶାନ୍ତିଶୃଙ୍ଖଳା ରକ୍ଷା କରିଛି।

# ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କ ଜିଲ୍ଲା ପରିଦର୍ଶନ ଓ ସମୀକ୍ଷା

ବାରିପଦା, ୩୧।୧(ସମିସ): ଓସଡମାର ରାଜ୍ୟ ପ୍ରକଳ୍ପ ଅଧିକାରୀ ମେଘନାଦ ବେହେରା ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା) ପକ୍ଷରୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଅବଗତ ହେବା ସହିତ ସେସବୁର ସମୀକ୍ଷା ଓ ମୂଲ୍ୟାୟନ କରିଛନ୍ତି। ସେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ସଙ୍ଗେ ସଙ୍ଗେ ଉଦଳା ବ୍ଲକ ପରିଦର୍ଶନ କରି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏ ଅବସରରେ ସେ ଶ୍ରୀଦାମଚନ୍ଦ୍ରପୁର ଗ୍ରାମରେ ସ୍ୱେଚ୍ଛାସେବୀ ସଂଗଠନ ଆରମ୍ଭ ପକ୍ଷରୁ କରାଯାଉଥିବା ଗ୍ରାମ୍ୟ ଓ ପଞ୍ଚାୟତ ବିପର୍ଯ୍ୟୟ ପରିଚାଳନା ଯୋଜନାର ସମୀକ୍ଷା କରିଥିଲେ। ଏହାର ଉପାଦେୟତା ସମ୍ବନ୍ଧରେ ସୂଚନା ଦେବା ସହିତ ଲୋକଙ୍କ ମତାମତ ସଂଗ୍ରହ କରିଥିଲେ।



ପରେ ବିପର୍ଯ୍ୟୟ ବିପଦ ହ୍ରାସରେ ଲିଙ୍ଗ ଓ ସାମାଜିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ମାଧ୍ୟମରେ ତାଲିମପ୍ରାପ୍ତ କିଶୋରୀ ବାଳିକାଙ୍କ ସହିତ ଏକ ଏଫଜିଡିରେ ଭାଗ ନେଇ ସେମାନଙ୍କର ମତାମତ ସଂଗ୍ରହ କରିଥିଲେ। ଏହାପରେ ଭୀମତାଳି ବନ୍ୟା ଆଶ୍ରୟସ୍ଥଳରେ ଏକ କାର୍ଯ୍ୟକ୍ରମରେ ଭାଗ ନେଇ ପରିଚାଳନା କମିଟି ସଭ୍ୟ/ସଭ୍ୟାଙ୍କ ସହିତ ଆଲୋଚନା କରିବା ସହିତ ଆଶ୍ରୟସ୍ଥଳୀ ମରାମତି ଓ ନବୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ସଭାପତି ମଞ୍ଜୁଲତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଭାଗ ନେଇ ଜନପ୍ରତିନିଧି ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ସହିତ କାର୍ଯ୍ୟକାରୀ ହେଉଥିବା ବିପର୍ଯ୍ୟୟ ପରିଚାଳନା ଯୋଜନା ସମ୍ପର୍କରେ ଆଲୋଚନା ଓ ସମୀକ୍ଷା କରିଥିଲେ। ଏଥିସହିତ କପ୍ତିପଦା ବ୍ଲକର ପେଡ଼ାଗଡ଼ି ପଞ୍ଚାୟତ ଅନ୍ତର୍ଗତ କରପଦା ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାରେ ନୂଆ କରି ସଂସ୍ଥାପିତ ହୋଇଥିବା ବଜ୍ରପାତ ନିରୋଧି ଆରିଷ୍ଟରର ଅନୁଧ୍ୟାନ କରିଥିଲେ। ଉଦଳା ବ୍ଲକର ସମସ୍ତ କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଆୟୋଜିତ ହୋଇଥିବାବେଳେ ଡିପିଓ ଏମର୍ଜେନ୍ସି, ବ୍ଲକ ନୋଡାଲ ଅଫିସର ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ନୋଡାଲ ଏନଜିଓ 'ଆରମ୍ଭ'ର ଆଶିଷ କୁମାର ମଲ୍ଲିକ ସହଯୋଗ କରିଥିଲେ।

## ବାଲି ବୋଝେଇ ୨ ହାଇୱା ଜବତ



ମହୁଲଡିହା,୩୧ା୧(ସମିସ): ଠାକୁରମୁଣ୍ଡା ବ୍ଲକ ଆନନ୍ଦପୁର-ଠାକୁରମୁଣ୍ଡା ୫୩ନଂ ରାଜ୍ୟ ରାଜପଥରେ ଆନନ୍ଦପୁର ଆଡ଼ୁ ଲଘୁ ଖଣିଜ (ବାଲି) ବୋଝେଇ କରି ଆଗପଛ ଆସୁଥିବା ୨ଟି ହାଇୱାକୁ ଖଣି ବିଭାଗ ଚିଆଁବେଡା ଛକରୁ ଜବତ କରି ମହୁଲଡିହା ଥାନାରେ ଅଟକ ରଖିଛି । ଏହି ରାସ୍ତାରେ ପୂର୍ବରୁ ମହୁଲଡିହା ଓ ଠାକୁରମୁଣ୍ଡା ଥାନା ପୁଲିସ ସହିତ ଖଣି ବିଭାଗ ବହୁତ ଚୋରା ବାଲି ବୋଝେଇ ଗାଡ଼ି ଜବତ କରିଛି । ବାଲି ମାଫିଆ ସକ୍ରିୟ ଥିବାରୁ ମାଇନିଂ ବିଭାଗ ବାରିପଦା ପୁଲିସ ସହାୟତାରେ ଆଜି ସକାଳେ ଚିଆଁବେଡା ଛକରୁ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ।

## ଗମ୍ଭାରୀଆପାଳ ମାଗେ ପରବ ଉଦ୍‌ଯାପିତ

ଶୁକ୍ଲି, ୩୧ ।୧(ସମିସ): ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଅନୁଷ୍ଠିତ ହୋଇଯାଇଛି ପାରମ୍ପରିକ ମାଗେ ପରବ । ମୟୂରଭଞ୍ଜ ଜିଲ୍ଲା ଶୁକ୍ଲି ବ୍ଲକ ଗମ୍ଭାରୀଆପାଳରେ କେଉଁ ଆବାହମାନ କାଳରୁ ଚାଲି ଆସିଛି ଆଦିବାସୀ ହୋ ସମ୍ପ୍ରଦାୟର ମାଗେ ପରବ । ପର୍ବରେ ସାତଦିନ ଧରି




ଘରମାନଙ୍କରେ ପାରମ୍ପରିକ ପୂଜାର୍ଚ୍ଚନା କରିଥା'ନ୍ତି । ଦେହୁରୀ ଗ୍ରାମର ଶାଳରେ ମଧ୍ୟ ପୂଜା କରି ଗ୍ରାମର ମଙ୍ଗଳ ମନାସୀ ଥା'ନ୍ତି । ଯିଏ ଯେଉଁଠି ଥିଲେବି ମାଗେ ପରବ ପାଳିବାକୁ ଗାଁକୁ ଆସନ୍ତି । ଘରେ ଘରେ ପିଠା, ପଣାର ଆସର ଜମେ । ଏତେଇଲି, ଗାଓ ବଙ୍ଗା ଭଳି ପାରମ୍ପରିକ ପୂଜା ପଶାରେ ସମୟ କାଟନ୍ତି ଆଦିବାସୀ ହୋ ସମ୍ପ୍ରଦାୟ। ଶେଷ ଦିନ ସମସ୍ତେ ନୂତନ ପୋଷାକ ପରିଧାନ କରି ପାରମ୍ପରିକ ମାଦଲ, ନାଗରାର ତାଳେ ମସଗୁଲ ହୋଇଥା'ନ୍ତି । ଯେଉଁଠି ଧନୀ ଗରିବର ତାରାତମ୍ୟ ନ ଥାଏ । ପୁରୁଷ, ମହିଳାର ଭେଦ ଭାବ ନ ଥାଏ । ଛଟ, ବଡ଼ର ଭେଦ ଭାବ ନ ଥାଏ । ସମସ୍ତେ ଏକାଠି ହାତକୁ ହାତ ଛନ୍ଦି ପାଦକୁ ପାଦ ମିଶାଇ ନାଚ, ଗୀତରେ ବିଭୋର ହୋଇଥା'ନ୍ତି । ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଗ୍ରାମର ଯୁବକ ମଞ୍ଚର ଆୟୋଜନ କରିଆସିଛନ୍ତି । ଯେଉଁଠି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରିଆସୁଛନ୍ତି । ଚଳିତ ବର୍ଷ ମଧ୍ୟ ନୃତ୍ୟ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଯାହାକୁ ନେଇ ସାଧାରଣ ସଭା ମଧ୍ୟ ଆୟୋଜନ ହୋଇଥିଲା । ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷକ ସୂର୍ଯ୍ୟକାନ୍ତ ଅରୁକ, ସମ୍ମାନିତ ଅତିଥି ସମାଜସେବୀ ଗୋଲକ ବିହାରୀ ନାୟକ, ସମାଜସେବୀ ଚକ୍ରଧର ହେମ୍ବ୍ରମ, ସାମ୍ବାଦିକ ସନ୍ତୋଷ ମହାନ୍ତ, ସମାଜସେବୀ ଦର୍ପ ମହାନ୍ତ ପ୍ରମୁଖ ଯୋଗଦେଇ ସଂସ୍କୃତି, ପରମ୍ପରାକୁ ସବୁଦିନ ପାଇଁ ବଜାଇ ରଖିବାକୁ ମତ ପ୍ରକାଶ କରିଥିଲେ ।

## ଡିଭାଇନ୍ ଗ୍ରୁପର ସଡ଼କ ସୁରକ୍ଷା ମାସ ପାଳନ

ବାରିପଦା, ୩୧ ।୧(ସମିସ): ବାରିପଦା ସହର ଉପକଣ୍ଠରେ ଅବସ୍ଥିତ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜିରେ ଶନିବାର ଜାତୀୟ ସଡକ ସୁରକ୍ଷା ମାସ ପାଳନ କରାଯାଇଛି । ଜିଲ୍ଲାର ସଡକ ଓ ପରିବହନ ବିଭାଗ, ଡିଭାଇନ୍‌ର ମିଳିତ ଉଦ୍ୟମରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଦିବସରେ ଡିଭାଇନ୍ ଗ୍ରୁପର ଛାତ୍ରଛାତ୍ରୀଙ୍କ ଦ୍ୱାରା ରାସ୍ତାରେ



ଯାଉଥିବା ସମସ୍ତ ଚାଳକଙ୍କୁ ଫୁଲ ଓ ଚକୋଲେଟ୍ ବଣ୍ଟନ କରିବା ସହ ସଡକ ସୁରକ୍ଷା ସଚେତନତା ରାଲି କରାଯାଇ ଟ୍ରାଫିକ୍ ନିୟମରେ ଆସିଥିବା ପରିବର୍ତ୍ତନ, ସାମାଜିକ ଜ୍ଞାନ ଓ ରାସ୍ତାର ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ନିୟମ ନ ମାନିଲେ କିପରି ଦଣ୍ଡବିଧାନ ରହିଛି, ପରିବାର ଓ ସମାଜର ଯେଉଁସବୁ କ୍ଷତି ହୋଇଥାଏ ସେ ସମ୍ପର୍କରେ ଅବଗତ କରାଯାଇଥିଲା । ଜିଲ୍ଲାର ସଡ଼କ ଓ ପରିବହନ ବିଭାଗର ଏମଭିଆଇ ସାଲଖୁ ମୁର୍ମୁ ଓ ଡିଭାଇନ୍‌ର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇଙ୍କ ତତ୍ତ୍ୱାବଧାନରେ ସଂପାଦିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡିଭାଇନ୍‌ର ନର୍ସିଂ, ଡିପ୍ଲୋମା ଓ + ଦୁଇ ବିଜ୍ଞାନ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିବା ସଙ୍ଗେ ସଙ୍ଗେ ଡିଭାଇନ୍‌ର ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପେନ୍‌ସନ୍ ମେଳା



ବାରିପଦା, ୩୧ା୧(ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଜାନୁଆରୀ ମାସରେ ଅବସର ଗ୍ରହଣ କରିଥିବା ୮ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ସମସ୍ତ ସରକାରୀ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଏହି କର୍ମଚାରୀ ଅବସର ଗ୍ରହଣ କରିଛନ୍ତି ଓ ଜିଲ୍ଲାସ୍ତରୀୟ ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସେକ୍ସନ ଅଫିସର ସୁଦୀପ୍ତ କୁମାର ମୋଡ଼ଲିକ୍, ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ କନିଷ୍ଠ ସହାୟକ କ୍ଷେତ୍ରମୋହନ ବେହେରା ପ୍ରମୁଖଙ୍କ ଉପସ୍ଥିତରେ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ ଅବସର ଗ୍ରହଣ କରୁଥିବା ସମସ୍ତଙ୍କୁ ସମସ୍ତ କାଗଜପତ୍ର ସହ ଉତ୍ତରୀୟ ପ୍ରଦାନ କରି ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏଥିରେ ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ, ସହକାରୀ ଶିକ୍ଷକ ରବୀନ୍ଦ୍ର ପଣ୍ଡା, ହିନ୍ଦୀ ଶିକ୍ଷକ ସୁମନ୍ତ ପ୍ରହରାଜ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଗଣେଶ ନାୟକ, କନିଷ୍ଠ ସହାୟକ ବିଦ୍ୟାଧର ସାହୁ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୁରୁ ଚରଣ ପାତ୍ର, ପ୍ରଧାଶିକ୍ଷକ ଜହରଲାଲ୍ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

### ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧ ଦିବସ

# ଲକ୍ଷାଧିକ ଲୋକଙ୍କ ସମାଗମରେ ଗୁରୁ ଦର୍ଶନ ଦିବସ ପାଳନ

ରାଇରଙ୍ଗପୁର,୩୧ା୧ (ସମିସ):





ରାଇରଙ୍ଗପୁରସ୍ଥ ଦାଣ୍ଡବୋଷ ଗ୍ରାମର କପିଡୁଙ୍ଗୁରିଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ଗୁରୁ ଦର୍ଶନ ଦିବସ ପାଳିତ ହୋଇଛି । ଲକ୍ଷାଧିକ ଲୋକଙ୍କ ସମାଗମ ମଧ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ୧୯୮୩ରୁ ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧ ତିଥି ଅବସରରେ ଗୁରୁ ଦର୍ଶନ ଦିବସ

**ଓଡ଼ିଶା ସମେତ ରାଜ୍ୟ ବାହାର ଲୋକଙ୍କ ସମାଗମ**

ପାଳିତ ହୋଇଆସୁଛି । ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ସମ୍ପ୍ରଦାୟର ଭଗବାନ ସଦୃଶ୍ୟ ଅଟନ୍ତି । ଯାହାକୁ ନେଇ ଶ୍ରାଦ୍ଧ ଦିବସ ଅବସରରେ କୋପିଡୁଙ୍ଗୁରିକୁ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ସୁଅ ଛୁଟିଥିଲା । ସାନ୍ତାଳୀ ଶ୍ରଦ୍ଧାଳୁ ଉପବାସ ରଖି ସମାଧି ସ୍ଥଳରେ ପୂଜାର୍ଚ୍ଚନା କରି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଆଶୀର୍ବାଦ କାମନା କରିଛନ୍ତି । ସମାଧି ପୀଠରେ ଯିଏ ଯାହା ମନାସୀ ଥା'ନ୍ତି, ତାହା ଅବଶ୍ୟ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେବେ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ଶ୍ରଦ୍ଧାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଗୁରୁ ଗୋମକେ ବୋଲି ସମ୍ବୋଧନ କରିଥା'ନ୍ତି ।

ପଣ୍ଡିତ ରଘୁନାଥ ମୁର୍ମୁ ୧୯୦୫ ମଇ ୧୮ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ ପୁରୁଣାପାଣି ପଞ୍ଚାୟତର ଦାଣ୍ଡବୋଷ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ସାନ୍ତାଳୀ ଭାଷା ଓ ଲିପିର ଗବେଷକ ମଧ୍ୟ ଥିଲେ । ସେ ପ୍ରଥମେ ଅଲଚିକି ଲିପି ତିଆରି କରିଥିବାରୁ ଲିପି ଜନକ ଭାବେ ଜଣାଶୁଣା । ୧୯୨୫ରୁ ଅଲଚିକି ଲିପି ସାନ୍ତାଳୀ ଭାଷାରେ ଲେଖିବା ନିମନ୍ତେ ଭାରତ ଓ ଅନ୍ୟାନ୍ୟ ଦେଶରେ ବ୍ୟବହାର କରାଯାଇଥିଲା । ସାନ୍ତାଳୀ ଜନଜୀବନରେ ଉନ୍ନତି ଆଣିବା ନିମନ୍ତେ ସେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ । ସ୍ୱର୍ଗତ ମୁର୍ମୁଙ୍କ ସ୍ମୃତିରେ ପଶ୍ଚିମବଙ୍ଗର ବାଙ୍କୁଡ଼ା ଜିଲ୍ଲା ଜାମବଣୀଠାରେ ପଣ୍ଡିତ ରଘୁନାଥ ମୁର୍ମୁ ସ୍ମୃତି ମହାବିଦ୍ୟାଳୟ ଓ ମୁର୍ଶିଦାବାଦଠାରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ଅଧିନରେ ଏକ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଛି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦାସ୍ଥ ରାଜ୍ୟର ପଞ୍ଚମ ମେଡିକାଲ କଲେଜକୁ ତାଙ୍କ ନାଁରେ ନାମିତ କରିଛନ୍ତି । ଏଥିସହିତ ତାଙ୍କ ପୀଠର ଉନ୍ନତିକରଣ ନିମନ୍ତେ ୧୦ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଥିଲେ । ସାନ୍ତାଳୀ ସମାଜର ଉନ୍ନତି ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ତାଙ୍କ ସାରା ଜୀବନକୁ ଉତ୍ସର୍ଗ କରିଥିଲେ । ୧୯୮୨ ମାଘ ସପ୍ତମୀରେ ତାଙ୍କର ତିରୋଧାନ ପରେ ୧୯୮୩ ପାଖରୁ ଦୀର୍ଘ ୪୪ ବର୍ଷ ହେଲା ତାଙ୍କର ଶ୍ରାଦ୍ଧ ଦିବସକୁ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ଗୁରୁ ଦର୍ଶନ ଦିବସ ଭାବେ ପାଳନ କରିଆସୁଛନ୍ତି । ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, ଆସାମ, ପଶ୍ଚିମବଙ୍ଗ, ତ୍ରିପୁରା ଆଦି ରାଜ୍ୟରୁ ବହୁଳ ସଂଖ୍ୟାରେ ସାନ୍ତାଳୀ ସମ୍ପ୍ରଦାୟର ପୁରୁଷ ଓ ମହିଳା ଯୋଗ ଦେଇଥିଲେ । ସମାଧି ସ୍ଥଳରେ ଆଶୀର୍ବାଦପ୍ରାପ୍ତି ପାଇଁ ପୂଜା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏ ଅବସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାତି ତଥା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ମାହାଲ ମାଡୱା ସଂଗଠନର ସଭାପତି ଭାମୱାର ମୁର୍ମୁ, ଟାଟା ଷ୍ଟିଲ ଫାଉଣ୍ଡେସନ ବରିଷ୍ଠ ପରିଚାଳକ ଶିବଶଙ୍କର କାଣ୍ଡିଆନ, ପ୍ରଫେସର ଲାଖାଇ ବାସ୍କେ, ଶିବନାରାୟଣ ହେମ୍ବ୍ରମ, ଶଙ୍କର ହେମ୍ବ୍ରମ, କସ୍ତୁରୀ ହାଁସଦା, ଲୁଗିବୁରୁ ଗଡେଥ୍ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ ।

## ମୟୂରଭଞ୍ଜ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା



ଭୁବନେଶ୍ୱର,୩୧ା୧(ସମିସ): ଉତ୍କଳ ମଣ୍ଡପ ଠାରେ ମୟୂରଭଞ୍ଜ ସାଂସ୍କୃତିକ ସଂସଦ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଏକାଦଶ ମୟୂରଭଞ୍ଜ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ଅତିଥି ଭାବେ ସଂସଦର ସଭାପତି ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ବିନ୍ମୟ ଦାସ ପଟ୍ଟନାୟକ, ସମ୍ପାଦନ ସ୍ୱରୂପ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୟୂରଭଞ୍ଜ ଉତ୍ସବର ଶୀର୍ଷକ ସଂଗୀତ ଅଡ଼ିଓ ଭିଜୁଆଲ୍ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । ସିନେ

**● ଆକର୍ଷଣ ପାଲଟିଲେ କମେଡି କିଙ୍ଗ୍ ପପୁ ପମପମ୍**
**● କ୍ରାଫ୍ଟ ବଜାର ସହ ଫୁଡ ଷ୍ଟଲରେ ଭିଡ଼**

ନିର୍ଦ୍ଦେଶକ ତାପସ ସରଘରିଆ ଓ ଟିମ୍ ଦ୍ୱାରା ପରିଚାଳିତ ଏହି ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗଧ କରିଥିଲା । ଏହାପରେ କରଞ୍ଜିଆସ୍ଥିତ ନୃତ୍ୟଶ୍ରୀ ଅନୁଷ୍ଠାନ ଦ୍ୱାରା ଗଣେଶ ବନ୍ଦନା ନୃତ୍ୟ ପରିବେଷଣ କରାଯାଇଥିଲା ।ପରେପରେ ରାଇରଙ୍ଗପୁରସ୍ଥିତ ବାଦଡ଼ା ଛଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ଛଉନୃତ୍ୟ, ମୟୁରଭଞ୍ଜ ଝୁମର ମେଲୋଡ଼ି, ପାଲ୍‌ବନ୍ଧ ଡୁକୁରା ଦ୍ୱାରା ଜମାଣିଆ ଝୁମର ଗୀତ ନାଚ, ବାରିପଦାର ଗୁରୁକୂଳ ଡ୍ୟାନ୍ସ ଏକାଡେମୀ, ବେତନଟୀର ଭୂମି ଡ୍ୟାନ୍ସ ଷ୍ଟୁଡିଓ, କରଞ୍ଜିଆର ନୃତଶ୍ରୀ ଅନୁଷ୍ଠାନ ଦ୍ୱାରା ପରିବେଷିତ ଓଲିଉଡ୍-ବଲିଉଡ୍ ମିକ୍ସ ଆଧୁନିକ ନୃତ୍ୟ, ପ୍ରଚ୍ଛଦପଟ ଗାୟକ ସାଗର ଲେଙ୍କା ଓ ହଂସରାଜ ଦାସଙ୍କ ଗୀତ ସାଙ୍ଗକୁ କମେଡି କିଙ୍ଗ୍ ପପୁ ପମପମ୍‌ଙ୍କ କମେଡି ଉପସ୍ଥିତ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇଥିଲା ।

ଉତ୍ସବରେ କ୍ରାଫ୍ଟ ମେଳାରେ ପଥର, ଟସର, ବାଉଁଶ ଓ ସବାଇଘାସର କାରୁକାର୍ଯ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିବା ବେଳେ ମୟୂରଭଞ୍ଜର ପ୍ରସିଦ୍ଧ ସୁଆଦିଆ ବ୍ୟଞ୍ଜନ ମୁଡ଼ିମାଂସ, ଦଳାଖେଚୁଡ଼ି, ରାମ ରୋଚକ ବଡ଼ା ତରକାରୀ, ଆରିସା ପିଠା, ଗୁଡ଼ଲଡୁ ଖାଇବାକୁ ଭିଡ଼ ଜମିଥିଲା । କାର୍ଯ୍ୟକ୍ରମକୁ ସଂସଦର ସମ୍ପାଦକ ତଥା ବିଶିଷ୍ଟ ଲେଖକ ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସଂଯୋଜନା କରିଥିଲେ ବିଶିଷ୍ଟ ଅଭିନେତା ସୁକାନ୍ତ ରଥ ।

## କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନଙ୍କ କାର୍ଯ୍ୟକ୍ରମ ସ୍ଥଳ ପରିଦର୍ଶନ

ରାଇରଙ୍ଗପୁର,୩୧ା୧(ସମିସ): କେନ୍ଦ୍ରାଞ୍ଚଳ ରାଜସ୍ୱ ବିଭାଗୀୟ କମିଶନର ଗୁହା ପୁନମ ତାପସ କୁମାର ଶନିବାର ରାଇରଙ୍ଗପୁର ଗସ୍ତରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗାମୀ ରାଇରଙ୍ଗପୁର ଗସ୍ତ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସ୍ଥଳ ପରିଦର୍ଶନ କରିଥିଲେ । ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟ ଜିଲ୍ଲା ପ୍ରଶାନସନିକ ଅଧିକାରୀ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ରାଇରଙ୍ଗପୁର ଗସ୍ତକୁ ନେଇ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରଦାର ଜାରି ରହିଛି । ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ସହ ରାଷ୍ଟ୍ରପତି ସ୍ଥାନୀୟ ଲୋକଙ୍କ ସହ ଭାବ ବିନିମୟର କାର୍ଯ୍ୟକ୍ରମ ରହିଛି । ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରୁଟି ଶୂନ୍ୟ ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏ ପରିପ୍ରେକ୍ଷୀରେ ରାଇରଙ୍ଗପୁରରେ ପହଞ୍ଚି ବିଭିନ୍ନ ସ୍ଥାନରେ ସୁରକ୍ଷା ପ୍ରସ୍ତୁତିର ତଦାରଖ କରିଛନ୍ତି । କାର୍ଯ୍ୟକ୍ରମ ସ୍ଥାନକୁ ଯାଇ ନିରୀକ୍ଷଣ କରି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ରାଷ୍ଟ୍ରପତିଙ୍କ ଗସ୍ତ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଦୁଇ ମନ୍ଦିରର ଚାଲିଛି ସାଜସଜ୍ଜା

ରାଇରଙ୍ଗପୁର,୩୧ା୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୪ରୁ ୩ଦିନିଆ ଗସ୍ତରେ ଆସୁଛନ୍ତି । ସେଥିପାଇଁ ବାମନଘାଟି ଉପଖଣ୍ଡ ଚଳଚଞ୍ଚଳ ହୋଇ ଉଠିଛି । ଗସ୍ତ ଅବସରରେ ପୂଜା କରିବାକୁ ଯିବାକୁ ଥିବା ଦୁଇଟି ମନ୍ଦିରରେ ସାଜସଜ୍ଜା କାର୍ଯ୍ୟ ଜୋରଦାର ଜାରି ରହିଛି । ଗସ୍ତର ପ୍ରଥମ ଦିନ ୪ ତାରିଖରେ ରାଇରଙ୍ଗପୁରର ମୁର୍ମୁ ଛକ ନିକଟସ୍ଥ ପୂର୍ଣ୍ୟେସ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବେ । ଠାକୁରଙ୍କ



ଦର୍ଶନ କରି ପୂଜାର୍ଚ୍ଚନା କରି ଆଶିଷ କାମନା କରିବେ । ପରେ ସେଠାରେ ଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ସୁଟିଂ କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି ଗସ୍ତର ଦ୍ୱିତୀୟ ଦିନ ୫ରେ ରାଇରଙ୍ଗପୁରସ୍ଥ ଶ୍ରୀଜଗନ୍ନାଥ ମନ୍ଦିରକୁ ଯିବେ । ସେଠାରେ ପୂଜାର୍ଚ୍ଚନା କରିବା ସହ ପ୍ରସାଦସେବନ କରିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ଦୁଇଟି ମନ୍ଦିରରେ ରାଷ୍ଟ୍ରପତି ପୂଜା କରିବାକୁ ଥିବାବେଳେ ତ୍ରୁଟି ଶୂନ୍ୟ ବ୍ୟବସ୍ଥା ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ମନ୍ଦିରର ସାଜସଜ୍ଜା ନିମନ୍ତେ ରଙ୍ଗ, ଟେଣ୍ଟ, ପ୍ରସାଦ ପ୍ରସ୍ତୁତି, ପୂଜା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଆଦି ବାବଦରେ ଜୋରଦାର ପ୍ରସ୍ତୁତି ହେଉଛି । ଉକ୍ତ ସ୍ଥାନକୁ ଜିଲ୍ଲାପାଳ ନିଜେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ସୁରୁଖୁରୁରେ ସମସ୍ତ ବ୍ୟବସ୍ଥା ପରିଚାଳନା ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଏଥିସହିତ ସୁରକ୍ଷା ବ୍ୟବସ୍ଥା ନେଇ ଏଡିଜି ଓ ଡିଆଇଜି ମଧ୍ୟ ଉଭୟ ମନ୍ଦିର ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ ସମୟ ପାଖେଇ ଆସୁଥିବାବେଳେ ଜୋରଦାର ପ୍ରସ୍ତୁତି ଜାରି ରହିଛି ।

## ମହିଳା ଫରେଷ୍ଟର ଲକ୍ଷ୍ମୀ ମହାପାତ୍ର ନିଲମ୍ବିତ

ବେତନଟୀ,୩୧ା୧(ସମିସ): ବେତନଟୀ ବନାଞ୍ଚଳର ମହିଳା ଫରେଷ୍ଟର ଲକ୍ଷ୍ମୀ ମହାପାତ୍ରଙ୍କୁ କାର୍ଯ୍ୟରେ ଅବହେଳା ଓ ବିଶୃଙ୍ଖଳା ଆଚରଣ ପାଇଁ ଚାକିରିରୁ ନିଲମ୍ବନ କରାଯାଇଛି । ସାତଦିନ ତଳେ ମହିଳା ଫରେଷ୍ଟର ଜଣକ ବାଲି ଓ ମାଟି ମିଶ୍ରିତ ବୋଝେଇ ଟ୍ରାକ୍ଟରରୁ ଲାଞ୍ଚ ମାଗିବା ଭିଡିଓ ଭାଇରଲ ହୋଇଥିଲା । ଲାଞ୍ଚ ମାଗିବା ଓ ଡ୍ରାଇଭରକୁ ଜାତିଆଣ ଆକ୍ଷେପ ଘଟଣାରେ ବୈଶିଙ୍ଗା ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା । ଏଣୁ ଡ୍ୟୁଟିରେ ଅବହେଳା ଓ ବିଶୃଙ୍ଖଳା ଆଚରଣ ପାଇଁ ବାରିପଦା ଆରସିସିଏଫ ଡକ୍ଟର ପ୍ରକାଶ ଚାନ୍ଦ ଗୋଗିନେନି ଚିଠି ନମ୍ବର ୪୫୨, ଶୁକ୍ରବାର ଦିନ ରାତିରେ ବେତନଟୀ ମହିଳା ଫରେଷ୍ଟର ଲକ୍ଷ୍ମୀ ମହାପାତ୍ରଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି । ତତସହିତ ବିନା କାରଣରେ ନିରୀହ ଲୋକଙ୍କୁ ରେଞ୍ଜ କାର୍ଯ୍ୟାଳୟରେ ପୂରାଇ ଘଣ୍ଟା ଘଣ୍ଟା ନିର୍ଯାତନା ଦେବା ତାଙ୍କୁ ମହଙ୍ଗା ପଡିଛି । ଏଭଳି ଅନେକ ଅଭିଯୋଗ ତାଙ୍କ ନାମରେ ରହିଥିବାରୁ ତାଙ୍କ ପ୍ରତି ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ମିଳିଛି । ଭାଇରଲ ଭିଡିଓରେ ଟଙ୍କା ଖାଇବାକୁ ଚାକିରି କରିଛି, ସବୁ ଆଡୁ ଖାଉଛି, ଏଇଠୁ ଖାଇପାରିଲିନି ଭଳି ଅନେକ ବିବାଦୀୟ ମନ୍ତବ୍ୟ ଦେଇଥିବା ଭିଡିଓରୁ ଜଣାପଡିଛି ।

## ଆଜି ବାଦାମପାହାଡ଼-ଟାଟାନଗର ମେମୁ ବାତିଲ

ରାଇରଙ୍ଗପୁର,୩୧ା୧(ସମିସ): ମରାମତି କାର୍ଯ୍ୟ ନିମନ୍ତେ ବାଦାମପାହାଡ଼-ଟାଟାନଗର ମେମୁ ଟ୍ରେନ ରବିବାର ସାମୂହିକ ବନ୍ଦ ରହିବ । ଏ ନେଇ ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ବିଜ୍ଞପ୍ତି ଯୋଗେ ସୂଚନା ପ୍ରଦାନ କରାଯାଇଛି । ଚକ୍ରଧରପୁର ରେଳ ରୁଟରେ ମରାମତି କାର୍ଯ୍ୟ ନିମନ୍ତେ ଗୋଟିଏ ଦିନ ନିମନ୍ତେ ଉଭୟ ପାଶ୍ୱର୍ରୁ ଟ୍ରେନ ବାତିଲ କରାଯାଇଛି । ତେଣୁ ମେମୁ ଟ୍ରେନ ରବିବାର ସେବା ବନ୍ଦ ରହିବ । ମରାମତି କାର୍ଯ୍ୟ ଶେଷ ହେବା ପରେ ସୋମବାରଠାରୁ ପୂର୍ବଭଳି ଟ୍ରେନ ଚଳାଚଳ ସ୍ୱାଭାବିକ ହେବ ବୋଲି ସୂଚନା ମିଳିଛି । ସମସ୍ତ ଯାତ୍ରୀଙ୍କ ସହଯୋଗ ନିମନ୍ତେ ରେଳବାଇ ପକ୍ଷରୁ ନିବେଦନ କରାଯାଇଛି ।

## ରାଜ୍ୟ ସୁସ୍ଥ ଜୀବନ ଶୈଳୀ ପ୍ରଦର୍ଶନୀରେ କରିସ୍ମା ଦ୍ୱିତୀୟ

ମୋରଡା,୩୧ା୧(ସମିସ): ମୋରଡା ବ୍ଲକ ଅଧୀନ ଗଡ଼ିଗାଁ ପିଏମଶ୍ରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ କରିସ୍ମା ମହାନ୍ତ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସୁସ୍ଥ ଜୀବନ ଶୈଳୀ ପ୍ରଦର୍ଶନୀରେ ଯୋଗ ଦେଇ ଦ୍ୱିତୀୟ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ସେ ଜିଲ୍ଲାସ୍ତରରୁ ମନୋନୀତ ହୋଇ ଭୁବନେଶ୍ୱର ଆରଆରସି ଭିଲେଜରେ ହେଉଥିବା ପ୍ରତିଯୋଗିତାରେ ତାଙ୍କର ଗାଇଡ଼ ଶିକ୍ଷକ ଦୀପକ ମହାନ୍ତଙ୍କ ସହିତ ଯୋଗ ଦେଇଥିଲେ । ଉକ୍ତ ପ୍ରତିଯୋଗିତାରେ ସେ ସ୍ଥାୟୀ ଜୀବନଯାପନ ପାଇଁ ଇକୋ ବନ୍ଧୁତ୍ୱପୂର୍ଣ୍ଣ ଧୂସର ଜଳ ଚିକିତ୍ସା ନାମକ ପ୍ରକଳ୍ପକୁ ତାଙ୍କ ଶିକ୍ଷକଙ୍କ ସହିତ ପ୍ରସ୍ତୁତ କରିଥିଲେ । ତାଙ୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ ଓ ଅନ୍ୟ ଶିକ୍ଷକ ଉତ୍ସାହିତ କରିଥିଲେ । କରିସ୍ମାକୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟିଛି ।




# ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ଚରଣ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧନା

ରାଇରଙ୍ଗପୁର,୩୧ା୧(ସମିସ):



ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଚରଣ ହେମ୍ବ୍ରମଙ୍କୁ ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ସାନ୍ତାଳୀ ଲେଖକ ଚରଣ ହେମ୍ବ୍ରମଙ୍କୁ ତାଙ୍କ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଟ୍ରଷ୍ଟର ଅଧ୍ୟକ୍ଷ ଚୁନିୟନ ରଘୁନ ମୁର୍ମୁ, ସାଧାରଣ ସଚିବ ମଦନ ମୋହନ ସୋରେନ୍, କୋଷାଧ୍ୟକ୍ଷ ଆନ୍ତା ଆଲୋକ ବାସ୍କେ, କାର୍ଯ୍ୟାଳୟ ସଂପାଦିକା ସଲମା ମୁର୍ମୁ ଏବଂ ବୀର ବିକ୍ରମ ହେମ୍ବ୍ରମଙ୍କ ସହିତ ବାବାତିଲକା ଲାଇବ୍ରେରୀ ପ୍ରତିଷ୍ଠାତା ରାମଦାସ ମୁର୍ମୁ ଉପସ୍ଥିତ ରହିଥିଲେ । ପ୍ରତିନିଧି ମଣ୍ଡଳ ପକ୍ଷରୁ ଚରଣ ହେମ୍ବ୍ରମଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ସ୍ୱାଧୀନତା ପରେ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ଗଠନ ପ୍ରକ୍ରିୟା ଚାଲିଥିବାବେଳେ ମୟୂରଭଞ୍ଜ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ମୟୂରଭଞ୍ଜ ଆଦିବାସୀ ମହାସଭାର ସଭାପତି ଭାବେ ଆନ୍ଦୋଳନର ନେତୃତ୍ୱ ନେଇଥିବା ତଥା ବହଳଦା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଗ୍ରାମ ମଙ୍ଗଳ ବିଭାଗରେ ମନ୍ତ୍ରୀ ଥିବା ମହାପୁରୁଷ ସୁନାରାମ ସୋରେନଙ୍କୁ ଆସନ୍ତା ଫେବୃଆରୀ ୬ ତାରିଖରେ ପାଳନ ହେବାକୁ ଥିବା ଗୁଣ୍ଡୁରିଆ ସହିଦ ଦିବସ ଅବସରରେ ଗୁଣ୍ଡୁରିଆ ସହିଦ୍ ମେମୋରିଆଲ ଟ୍ରଷ୍ଟ, ମୟୂରଭଞ୍ଜ ଆଦିବାସୀ ସମନ୍ୱୟ ସମିତି ଏବଂ ମୟୁରଭଞ୍ଜ ପେସା ଗ୍ରାମସଭା ସମନ୍ୱୟ ସମିତି ସଂଗଠନ ପକ୍ଷରୁ ମୟୁରଭଞ୍ଜ ରତ୍ନ ପୁରସ୍କାରରେ ସମ୍ମାନୀତ କରାଯିବା ପାଇଁ ତାଙ୍କ ପୈତୃକ ଗ୍ରାମ ଜାମଦା ବ୍ଲକ ଦାମକମ୍ ହେଁସଡା କୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ପୁରସ୍କାର ଗ୍ରହଣ କରିବା ପାଇଁ ନିମନ୍ତ୍ରଣ ପ୍ରଦାନ କରିଥିଲେ ।

## ବଡ଼ଝାଡ଼ ବିଦ୍ୟାଳୟର ବାର୍ଷିକ ଉତ୍ସବ

କପ୍ତିପଦା,୩୧ା୧(ସମିସ): ଦେବଳା ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ପାଳିତ ହୋଇଛି ବାର୍ଷିକ ଉତ୍ସବ । ପ୍ରଧାନଶିକ୍ଷକ ରମେଶ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଳା ସରପଞ୍ଚ ଭୀମଚରଣ ସିଂ ଉପସ୍ଥିତ ରହି ଛାତ୍ରଛାତ୍ରୀ ବିଦ୍ୟାଳୟରେ ପ୍ରତ୍ୟେକ ଶିକ୍ଷାଦାନ ଦିବସରେ ଉପସ୍ଥିତ ରହିଲେ ପୁସ୍ତକଗତ ଶିକ୍ଷା ଗ୍ରହଣ କରିପାରିବା ସହ ଶୃଙ୍ଖଳା ମଧ୍ୟ ଶିକ୍ଷା କରିପାରିବେ ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ପଣ୍ଡା ଛାତ୍ରଛାତ୍ରୀ ବିଦ୍ୟାଳୟରୁ ଶିକ୍ଷା ସହ ସଂସ୍କାର ଶିକ୍ଷା ଲାଭ କରିବା ଆବଶ୍ୟକ ବୋଲି କହିଥିଲେ । ବିଶିଷ୍ଟ ବକ୍ତା ଭାବେ ରାଣୀପୋଖରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କୁନ୍ତଳା ମହାନ୍ତ ଶୃଙ୍ଖଳା ଓ ସଂସ୍କାରର ସମନ୍ୱିତ ଶିକ୍ଷାର ଏକ୍ରୁଡ଼ିଶାଳ ବିଦ୍ୟାଳୟ, ତେଣୁ ପ୍ରତିଦିନ ପିଲାମାନେ ବିଦ୍ୟାଳୟକୁ ଆସିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ବିଶିଷ୍ଟ ବକ୍ତା ଭାବେ କପ୍ତିପଦା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ, ସମ୍ମାନିତ ବକ୍ତା ଭାବେ ଦେବଳା ପଞ୍ଚାୟତ ସମିତି ସଭ୍ୟ ଶିବପ୍ରସାଦ ସିଂ, ଏସିଏମ ସଂଯୋଜକ ପୀତାମ୍ବର ସାହୁ ଯୋଗ ଦେଇଥିଲେ । ଶିକ୍ଷକ ସନ୍ତୋଷ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ ବେଦ ପାଠ କରିଥିଲେ । ଶିକ୍ଷୟିତ୍ରୀ ସରସ୍ୱତୀ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ କମଳ ଲୋଚନ ବେହେରା ଉପସ୍ଥିତ ଥିବାବେଳେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସନ୍ତୋଷ ସାହୁ ପରିଚାଳନା କରିଥିଲେ ।

# ରାସ୍ତା ଉପରେ ଚୋରା ବାଲି; ଦୁର୍ଘଟଣା ଆଶଙ୍କା

ତୁରୁମୁଙ୍ଗା, ୩୧।୧(ସମିସ)



ସଞ୍ଜ ନଇଁଲେ କେନ୍ଦୁଝର ଜିଲ୍ଲା ବାରିଆ ଓ ତୁରୁମୁଙ୍ଗା ଥାନାଞ୍ଚଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳୁଛି। ରାତିସାରା ବାଲିଘାଟରୁ ଶହଶହ ଟ୍ରିପ ବାଲି ହାଇୱା ସହାୟତାରେ ଚୋରା ଚାଲାଣ କରୁଛନ୍ତି। ସବୁ ଜାଣି ଖଣି ବିଭାଗ ଓ ପୁଲିସ ଚୁପ ବସି ରହିଛି। ବାଲି ପରିବହନ ସମୟରେ ହାଇୱାରୁ ବାଲି ପଡ଼ି ରାସ୍ତା ଉପରେ ପଡୁଛି। ଫଳରେ ବାଇକ ଆରୋହୀ ସାଇକଲ ଆରୋହୀ ଙ୍କ ପାଇଁ ବିପଦ ସୃଷ୍ଟି ହେବା ସହ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ବାରିଆ ଥାନା ଅନ୍ତର୍ଗତ କାଞ୍ଜିଆଶୁଳା ତୁରୁମୁଙ୍ଗା ରାସ୍ତାର ଜଜପଶି ଶିବ ମନ୍ଦିର ନିକଟରେ ବାଲି ପଡ଼ି ରହିଛି। ଫଳରେ ଏଠାରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଏବେ ତୁରୁମୁଙ୍ଗା ଚମ୍ପୁଆ ପୂର୍ତ୍ତ ବିଭାଗ ରାସ୍ତାର ଜଜପଶି ନିକଟରେ ରାସ୍ତାରେ ବାଲି ପଡି ରହିଥିଲେ ବି ଏଥିପ୍ରତି କାହାରି ଦୃଷ୍ଟି ପଡୁ ନାହିଁ। ଆଗକୁ ଯଦି କୌଣସି ଦୁର୍ଘଟଣା ଘଟେ ସେଥିପ୍ରତି ବାଲି ମାଫିଆ ଦାୟୀ ରହିବେ ନା ସରକାର ଦାୟୀ ହେବ ସେନେଇ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ବାରିଆ ଓ ତୁରୁମୁଙ୍ଗା ଥାନା ଦେଇ ଦୈନିକ ଶହଶହ ହାଇୱା ବାଲି ବୋଝେଇ କରି ନେଉଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ବାଲି ମାଫିଆଙ୍କ ଔଦ୍ଧତ୍ୟ ଚରମ ସୀମାରେ ପହଞ୍ଚିଲାଣି। ବେଆଇନ ବାଲି ଚୋରା ଚାଲାଣ ଯୋଗୁଁ ସରକାର ଦୈନିକ କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ବେଳେ ବାଲି ମାଫିଆମାନେ ପ୍ରଶାସନ ଆଖିରେ ଆଙ୍ଗୁଠି ଗେଞ୍ଜି କୋଟି କୋଟି ଟଙ୍କା ମୁନାଫା କମାଉଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ବାଲି ଚୋରି ଉପରେ ରୋକ ଲଗାଇବା ସହ ବାଲି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ନାବାଳକକୁ ଛୁରା ମାଡ଼

ଯୋଡ଼ା, ୩୧।୧(ସମିସ): ଯୋଡ଼ା ବସଷ୍ଟାଣ୍ଡରେ ଜଣେ ନବମ ଶ୍ରେଣୀ ଛାତ୍ରକୁ ଛୁରାମାଡ଼ ହୋଇଛି। ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ କମାର ଯୋଡ଼ାର ଏହି ନାବାଳକ ସହ ବସଷ୍ଟାଣ୍ଡରେ ଥିବା କିଛି ନାବାଳକଙ୍କ ଝଗଡ଼ା ହୋଇଥିଲା। ଝଗଡ଼ା ପରେ ଉକ୍ତ ଗୋଷ୍ଠୀର ନାବାଳକମାନେ ଛୁରାମାଡ଼ କରିଥିଲେ। ତୁରନ୍ତ କମାର ଯୋଡ଼ାର ନାବାଳକକୁ ଡାକ୍ତରଖାନା ନିଆଯାଇଥିଲା ବେଳେ ଯୋଡ଼ା ପୁଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ଆମ ପୁଲିସ ସମିତି ବୈଠକ




ନାରଦପୁର, ୩୧।୧(ସମିସ): ଝୁମ୍ପୁରା ବ୍ଲକ ନାରଦପୁରଠାରେ ଚମ୍ପୁଆ ପୁଲିସ ପ୍ରଶାସନ ପକ୍ଷରୁ ଆମ ପୁଲିସ ସମିତି ବୈଠକ ଗ୍ରାମବାସୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମକୁ ଚମ୍ପୁଆ ଥାନାଧିକାରୀ ସୌରଭ ରଞ୍ଜନ ନାଏକ ପରିଚାଳନା କରିଥିବାବେଳେ ନାରଦପୁର ସରପଞ୍ଚ ହେମନ୍ତି ମୁଦି, ନାଏବ ସରପଞ୍ଚ ଚନ୍ଦନ ବୋଇପାଇ, ପୂର୍ବତନ ସରପଞ୍ଚ କିଶୋର କୁମାର ନାଏକ, ସମସ୍ତ ୱାର୍ଡସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରକାର ସ୍ଥାନୀୟ ସମସ୍ୟା, ପୁଲିସ ଓ ସାଧାରଣ ଜନତା ମଧ୍ୟରେ କିପରି ସମନ୍ୱୟ ରକ୍ଷା ହୋଇପାରିବ ସେ ବାବଦରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରିମୁଳି ଫାଣ୍ଡି ଏଏସଆଇ ସନ୍ତୋଷ କୁମାର ନାଏକ, ଲକ୍ଷ୍ମୀଧର ସେଠୀ ସହଯୋଗ କରିଥିଲେ।

# ୨୭ ବର୍ଷ ପରେ ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ



ତୁରୁମୁଙ୍ଗା, ୩୧।୧(ସମିସ): ପାଟଣା ବ୍ଲକ ଚିନମାଳିପଶି ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟର ୧୯୯୭ ଓ ୧୯୯୮ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ମହାନ୍ତ, କୁଷଧର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ରାମଚନ୍ଦ୍ର ନାୟକ, ବନମାଳି ମହାନ୍ତ, ବିନୋଦ ମହାନ୍ତଙ୍କ ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜ୍ଞାନ ଶିକ୍ଷକ ପ୍ରଦୀପ୍ତ ଷଡଙ୍ଗୀ, ଖେଳ ଶିକ୍ଷକ ଦୋଳଗୋବିନ୍ଦ ମହାନ୍ତ, ସୁଦାମ ମୁର୍ମୁ, ଅଭିମନ୍ୟୁ ନାୟକ, ଭୁବନାନନ୍ଦ ସାହୁ, ଛୋଟରାୟ ମହାନ୍ତ, ଅନାଦି ଚରଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ଡମ୍ବରୁଧର ମହାନ୍ତ, ଭାବଗ୍ରାହୀ ମହାନ୍ତ ମହେଶ୍ୱର ନାୟକ ଯଶୋଦା ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ବେଳେ ଦୀର୍ଘ ୨୭ ବର୍ଷ ପରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟର ଉନ୍ନତି ବିଷୟରେ ଆଲୋଚନା କରାଯାଇ ଛାତ୍ରଛାତ୍ରୀଙ୍କ ସହଯୋଗ କାମନା କରାଯାଇଥିଲା।

# ଫକୀରପୁର ସମବାୟସମିତିରେ ଧାନକିଣା ଚଞ୍ଚକତା



ଆନନ୍ଦପୁର, ୩୧।୧ (ସମିସ): ସରକାରଙ୍କ ଧାନ ସଂଗ୍ରହ ବ୍ୟବସ୍ଥାର ଉଲଙ୍ଘନ କରି ଫକୀରପୁର ସେବା ସମବାୟ ସମିତିରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ଅପେକ୍ଷା ବ୍ୟବସାୟୀଙ୍କୁ ସୁଯୋଗ ଦିଆଯାଉଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ପରିଚାଳନା ସମିତି ସହ ଉପଯୁକ୍ତ ସମନ୍ୱୟ ରକ୍ଷା ହେଉ ନଥିବାରୁ ଧାନ କିଣାରେ ଅନିୟମିତତା ହେଉଥିବା ଏବଂ ଏଥିଯୋଗୁଁ ଚାଷୀମାନେ ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି। ଟୋକନ ପାଇଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସମିତି ସମ୍ପାଦକ ଦୟାନିଧି ଦାସଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କହିଛନ୍ତି ଯେ ପରିଚାଳନାରେ ସମନ୍ୱୟ ଅଭାବରୁ ଏପରି ସମସ୍ୟା ହେଉଛି। କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ଖରିଫ୍ ଧାନ କିଣା ୮୨ଟି ସେବା ସମବାୟ ସମିତି ମାଧ୍ୟମରେ ୯୫ଟି ଧାନମଣ୍ଡି ଖୋଲାଯାଇଛି। ୧୧ଟି ନୂତନ ଧାନମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଆସିଛି। ଚଳିତ ବର୍ଷ ୭୯ ହଜାର ୧୦୮ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଧାନ କିଣା କାରବାରରେ ଯେଉଁ ମିଲର କିମ୍ବା ପ୍ରଶାସନିକ ଅଧିକାରୀମାନେ ଅସାଧୁ ଉପାୟ ଅବଲମ୍ବନ କରିବେ ତଥା କଟନି ଛଟନି କରିବେ ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯିବ ବୋଲି ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କହିଛନ୍ତି।

# ପାଟଣା ବ୍ଲକ୍‌ରେ ସମ୍ପୂର୍ଣ୍ଣତା ଅଭିଯାନ ଶିବିର



ତୁରୁମୁଙ୍ଗା, ୩୧।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହରେ ଶନିବାର ଆକାଂକ୍ଷା ବ୍ଲକ ଆଧାରିତ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ବିଡ଼ିଓ ମାନସ କୁମାର ଦଣ୍ଡପାଟ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥି ଭାବେ ତହସିଲଦାର ଅଶ୍ୱିନୀ କୁମାର ନାଏକ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ଏଡିଏସଡବ୍ଲୁଓ ସୁଧା ଗୋସ୍ୱାମୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ର କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ, ଭାରପ୍ରାପ୍ତ ଜିପିଡ଼ିଓ ଅଭୟ ଚରଣ ଦେହୁରୀ, ସିଡିପିଓ କଳ୍ପନା ଦୋରା, ପ୍ରମୁଖ ଯୋଗ ଦେଇଥିଲେ। କୃଷି ବିଭାଗ ସମେତ ବ୍ଲକର ସମସ୍ତ ଲାଇନ ବିଭାଗର ଅଧିକାରୀ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ବ୍ଲକ ଅଞ୍ଚଳର ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନେ ଯୋଗ ଦେଇଥିଲେ। ବ୍ଲକଟି ଆକାଂକ୍ଷୀ ଯୋଜନାରେ ସାମିଲ ହୋଇଥିବାରୁ ପ୍ରତ୍ୟେକ ବିଭାଗ କିପରି ଦକ୍ଷତା ପ୍ରଦର୍ଶନ ସହ ସରକାରୀ ଯୋଜନାର ଶତପ୍ରତିଶତ ସଫଳତା ହାସଲ କରିବେ ସେନେଇ ମାର୍ଗଦର୍ଶନ କରିଥିଲେ।

# ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



ଆନନ୍ଦପୁର, ୩୧।୧ (ସମିସ): ଆନନ୍ଦପୁର ନିକଟସ୍ଥ ଗୋହିରା ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ଉଇଙ୍ଗସ୍ ଉଡାନ୍ ସପନୋ କି ପାଳିତ ହୋଇଯାଇଛି। ଉତ୍ସବରେ କେନାଲ ମ୍ୟାନ ଅଫ ଓଡ଼ିଶା ଭାବେ ପରିଚିତ ପଦ୍ମଶ୍ରୀ ଦଇତାରୀ ନାଇକ ମୁଖ୍ୟଅତିଥି ଭାବେ ସଂଘର୍ଷକୁ ସାମ୍ନା କରିବାକୁ ଦୃଢ ପ୍ରତିଜ୍ଞାର ଆବଶ୍ୟକତା ଅଛି ବୋଲି ମତ ବ୍ୟକ୍ତ କରିଥିଲେ। ଉଦଘାଟକ ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମଣି ସୁନା, ମୁଖ୍ୟବକ୍ତା ଆପେକ୍ସ ଇଂରାଜୀମାଧ୍ୟମ ସ୍କୁଲରର ଚେୟାରମ୍ୟାନ ଡ. ଅନୀଲ କୁମାର ରାୟ, ବିଶେଷ ଅତିଥି ଘସିପୁରା ବ୍ଲକ ଏଜୁକେସନ ଅଫିସର ସତ୍ୟସ୍ନାନ ପଣ୍ଡା, ଗୋହିରା ସରପଞ୍ଚ ମନ୍ଦାକିନୀ ପାତ୍ର ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଆନନ୍ଦପୁର ଉପଖଣ୍ଡର ଦୁଇ ମହାନ ଗୁରୁ ଭାସ୍କରଚନ୍ଦ୍ର ଖୁଣ୍ଟିଆ ଓ ସରୋଜ କୁମାର ପଣ୍ଡାଙ୍କୁ ଅନୁଷ୍ଠାନ ତରଫରୁ "ଗୁରୁବନ୍ଦନା ଆୱାର୍ଡ' ପ୍ରଦାନ କରାଯାଇଥିଲା। ଅତିଥିଙ୍କ ଗହଣରେ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ଏହି ପୁରସ୍କାର ପ୍ରଦାନ କରିଥିଲେ। ଉତ୍ସବରେ ସ୍କୁଲର ଅଧ୍ୟକ୍ଷା ଡ. ସୁଜାତ ଘୋଷ ସ୍ୱାଗତ ଭାଷଣ ଓ ସ୍କୁଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ଚେୟାରମ୍ୟାନ ଅଲେଖଚନ୍ଦ୍ର ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ତଥା ଅଭିଭାବକଙ୍କୁ ଉଦବୋଧନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଇଂରାଜୀ ଅଧ୍ୟାପିକା ପ୍ରିୟଙ୍କା ସାହୁ ଓ ଶିକ୍ଷକ ସୁବ୍ରତ ରାମ ପରିଚାଳନା କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ଶିକ୍ଷାରତ୍ନ ରଞ୍ଜିତା ଜେନା ପାଟସାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଡ଼ା ମହିଳା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ




ଯୋଡ଼ା, ୩୧।୧(ସମିସ): ଯୋଡ଼ା ମହିଳା ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୧୯ ତାରିଖରେ ଆରମ୍ଭ ହେଇ ୩୧ ତାରିଖରେ ଉଦଯାପିତ ହୋଇଛି। ୧୩୯ ଜଣ ଛାତ୍ରୀ ୩ଟି ଗ୍ରୁପରେ ବିଭକ୍ତ ହୋଇ ଅଂଶଗ୍ରହଣ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ଛାତ୍ରୀମାନେ ଶିକ୍ଷାଲାଭ କରିଥିବା କଳାକୌଶଳ ପ୍ରଦର୍ଶନ କରିଥିଲେ। ଶେଷରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ କଲେଜର ଅଧ୍ୟକ୍ଷ, ପ୍ରାଧ୍ୟାପକ ବିଜୟ ନାୟକ। କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ମାଷ୍ଟର ଟ୍ରେନର ଭାରତୀ ଭଗବତୀ ଓ ସାଇପ୍ରିୟା ରାଉତ। ସଂଯୋଜନା କରିଥିଲେ ଅଧ୍ୟାପିକା ସୁମନପ୍ରଭା ତିର୍କୀ।

# ଛାତ୍ରଛାତ୍ରୀ ଅସୁସ୍ଥ ଘଟଣାର ତଦନ୍ତ



ତୁରୁମୁଙ୍ଗା, ୩୧।୧(ସମିସ): ସାହାରପଡା ବ୍ଲକ ଗୋରାସ ବୁଢ଼ୀପାଟ ଉଚ୍ଚବିଦ୍ୟାଳୟ ପରିସରରେ ଶୁକ୍ରବାର ୭ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ସମସ୍ତଙ୍କୁ ନେଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ୩ ଜଣ ଛାତ୍ରୀ ଏବେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଘଟଣାରେ ପ୍ରଧାନ ଶିକ୍ଷକ ଓ ଶିକ୍ଷକଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଶନିବାର ସାହାରପଡ଼ା ବିଡିଓ ରଣଜିତ୍ ମହାନ୍ତ ଓ ସାହାରାପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦୟାନିଧୀ ପାତ୍ର ଗୋରାସ ବୁଢ଼ୀପାଟ ଉଚ୍ଚବିଦ୍ୟାଳୟକୁ ଯାଇ କିଭଳି ଛାତ୍ରଛାତ୍ରୀ ଅସୁସ୍ଥ ହେଲେ ତାହାର ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ଜଣ ଛାତ୍ରୀ ସୁସ୍ଥ ହୋଇ ଡିସଚାର୍ଜ ହୋଇଥିବା ବେଳେ ଜଣେ ଛାତ୍ରୀ ଓ ୨ ଜଣ ଛାତ୍ର ଶନିବାର ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଏହି ଘଟଣାରେ ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକ ଜିତେନ୍ଦ୍ର ସେଠୀଙ୍କୁ ପ୍ରଧାନଶିକ୍ଷକଙ୍କ ଗାଳିଗୁଲଜକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ପରେ ଶିକ୍ଷକ ସହଦେବ ମହାନ୍ତ ଉକ୍ତ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ପାଇଁ କ୍ଷମା ପ୍ରାର୍ଥନା କରିଥିବା ବେଳେ ଏହା ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ପିଏମ୍‌ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଯୋଡ଼ା, ୩୧।୧(ସମିସ): ଜରୋଳିସ୍ଥିତ ପିଏମ୍‌ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ପିଏମ୍‌ଶ୍ରୀ ଉତ୍ସବ ସହ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଚମ୍ପୁଆ ବିଧାୟକ ସନାତନ ମହାକୁଡ ମୁଖ୍ୟଅତିଥି ଭାବେ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀକକ୍ଷ ଓ ଛାତ୍ରାବାସ ନିର୍ମାଣ, ତିନି-ଫେଜ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ ଏବଂ ଗଭୀର ନଳକୂପ ଖନନ କରାଯିବ ବୋଲି ଘୋଷଣା କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟାପକ ଡ. ସୁଧାକର ଦାଶ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଝୁମ୍ପୁରା ବିଇଓ କମ୍‌ରେଡ୍ ମହମ୍ମଦ ବଦ୍ରୁଙ୍କ ସମେତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ପଞ୍ଚସଖା ସଭାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଅଜୟ ପଟ୍ଟନାୟକ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ସା, ପଞ୍ଚସଖା ଶିକ୍ଷାସେତୁ ସଭାପତି ପ୍ରଣବ ମହାନ୍ତି, ପୂର୍ବତନ ପ୍ରଧାନଶିକ୍ଷକ କ୍ଷୀରୋଦ ରାଉତ, ବରିଷ୍ଠ ନାଗରିକ ଲକ୍ଷ୍ମୀଧର ପୃଷ୍ଟି ଉପସ୍ଥିତ ଥିଲେ। ସମସ୍ତ ଅଧ୍ୟାପକଅଧ୍ୟାପିକା, ଶିକ୍ଷକଶିକ୍ଷୟିତ୍ରୀ,

# ପଦ୍ମଶ୍ରୀ ତୁଳସୀ ଆପାଙ୍କୁ ଡକ୍ଟର ଅଫ୍ ଫେଲୋସିପ୍ ସମ୍ମାନ




ବଡ଼ବିଲ, ୩୧।୧(ସମିସ): ପାରମ୍ପରିକ ସଂସ୍କୃତିର ଜୀବନ୍ତ ପ୍ରତୀକ ପଦ୍ମଶ୍ରୀ ତୁଳସୀ ଆପାଙ୍କୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟର ଅଫ୍ ଫିଲୋସଫି ଉପାଧି ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ଏହି ଗରିମାମୟ ସମ୍ମାନ ତାଙ୍କୁ ଦିଆଯାଇଥିଲା। ସମାଜସେବା, ମାନବିକମୂଲ୍ୟବୋଧ ଏବଂ ପାରମ୍ପରିକ ଜ୍ଞାନର ସୁରକ୍ଷା ଓ ପ୍ରଚାରରେ ତୁଳସୀ ଆପାଙ୍କ ଅତୁଳନୀୟ ଅବଦାନକୁ ମନେରଖି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଦୀର୍ଘ ବର୍ଷ ଧରି ସେ ଦେଶର ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିଆସୁଛନ୍ତି। ଏହି ଅବସରରେ ଆୟୋଜିତ ସମାରୋହରେ ରାଜ୍ୟପାଳ ଡ଼ ହରିବାବୁ କୁମ୍ଭପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର, ଗବେଷକ, ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରର ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଡକ୍ଟରେଟ୍ ସମ୍ମାନ ପ୍ରାପ୍ତି ପରେ ପଦ୍ମଶ୍ରୀ ତୁଳସୀ ଆପା କହିଥିଲେ ଯେ ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଆହୁରି ନିଷ୍ଠାର ସହ ସମାଜସେବା ଓ ଜ୍ଞାନ ପ୍ରଚାରରେ ନିଜକୁ ନିୟୋଜିତ କରିବାକୁ ପ୍ରେରଣା ଦେବ। ଏହି ସମ୍ମାନ ମାଧ୍ୟମରେ ତୁଳସୀ ଆପାଙ୍କ ସଫଳତା କେବଳ ତାଙ୍କ ପାଇଁ ନୁହେଁ, ସମଗ୍ର ଦେଶ ପାଇଁ ଗର୍ବର ବିଷୟ ବୋଲି ସମାରୋହରେ ଉପସ୍ଥିତ ଗଣ୍ୟମାନ୍ୟମାନେ ମତ ପ୍ରକାଶ କରିଥିଲେ।

## ବୟସ ୩ ବର୍ଷ; ଶିଶୁ କନ୍ୟାର ଅସାଧାରଣ ପ୍ରତିଭା

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସରେ ସମ୍ପୂର୍ଣ୍ଣା

ତୁରୁମୁଙ୍ଗା, ୩୧।୧(ସମିସ)




ବୟସ ମାତ୍ର ୩ ବର୍ଷ ହେଲେ ବିଚକ୍ଷଣ ବୁଦ୍ଧି ଓ ଅଗାଢ଼ ଜ୍ଞାନ। ଏଥିପାଇଁ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି ୩ ବର୍ଷର ଉକ୍ତ ଶିଶୁକନ୍ୟା। କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ରାଇଡିହା ପଞ୍ଚାୟତ କଟୁପଡା ଗ୍ରାମର ଶିକ୍ଷକ ଦମ୍ପତି ଛବିଲାଲ ମହାନ୍ତ ଓ କବିତା ମହାନ୍ତଙ୍କ ଏକ ମାତ୍ର ଝିଅ ସମ୍ପୂର୍ଣ୍ଣା। ଏହି କୁନି ଝିଅ ଏତେ କମ ବୟସରେ ୧୮ଟି ବିଭିନ୍ନ ବିଷୟରେ ଥିବା ପ୍ରଶ୍ନର ସଠିକ୍ ଉତ୍ତର ଦେଇଥିଲେ। ସେ ଏଥିପାଇଁ ସର୍ବଭାରତୀୟ ସ୍ତରରେ ରେକର୍ଡ ହାସଲ କରିଛନ୍ତି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ରାଜଧାନୀ, ଜାତୀୟ ସଙ୍କେତ, ବନ୍ୟପ୍ରାଣୀ, ଗୃହପାଳିତ ପଶୁ, ଫୁଲ, ଫଳ ଓ ପନିପରିବାର ନାମ, ସଂଖ୍ୟାକ୍ରମ, ବିଭିନ୍ନ ରଙ୍ଗକୁ ଚିହ୍ନଟ, ମାନବ ଶରୀରର ବିଭିନ୍ନ ଅଙ୍ଗର କାର୍ଯ୍ୟ, ସ୍ୱାଧୀନତା ସଂଗ୍ରାମୀଙ୍କ ନାମ, ଦିଗଗୁଡିକର ନାମ ଇତ୍ୟାଦି ଅତି ସହଜ ଓ ଅନର୍ଗଳ ଭାବରେ ସେ ବଖାଣିପାରୁଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ପ୍ରିୟ ପରିଜନଙ୍କ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ସୁଅ ଛୁଟୁଛି। ସମ୍ପୂର୍ଣ୍ଣାଙ୍କ ବାପା ଛବିଲାଲ ମହାନ୍ତ ଭବାନୀପାଟଣା ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର ସରକାରୀ ଉଚ୍ଚବିଦ୍ୟାଳୟରେ ଖେଳଶିକ୍ଷକ ଥିବାବେଳେ ମା' କବିତା ମହାନ୍ତ ବଲାଙ୍ଗିର ଜିଲ୍ଲାର କୁମ୍ଭାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭୋକେସନାଲ ଶିକ୍ଷୟିତ୍ରୀ ଅଛନ୍ତି। ସମ୍ପୂର୍ଣ୍ଣା ସର୍ବଭାରତୀୟ ସ୍ତରରେ ଏହି ପରୀକ୍ଷା ଦେଇ ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିପାଇଁ ସମ୍ପୂର୍ଣ୍ଣାଙ୍କ ମା'ବାପା ସହ ବହୁ ଶୁଭେଚ୍ଛୁ, ପ୍ରଶଂସକ କୁନି ଝିଅର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

